# ପିଲାଙ୍କ ସୁସ୍ଥ ଭବିଷ୍ୟତ ପାଇଁ ପୁଷ୍ଟି ପରିଚାଳନା ଆବଶ୍ୟକ

## ଅପପୁଷ୍ଟିର ଶିକାର କୋରାପୁଟ ଜିଲା

କୋରାପୁଟ,୨୭।୯(ଅମିତାଭ ବେହେରା)



ୟୁନିସେଫ ପକ୍ଷରୁ ଅପପୁଷ୍ଟି ସମାଧାନ ପାଇଁ ଆଲୋଚନା କରାଯାଉଛି ।

କୋରାପୁଟ ଜିଲାରେ ବଢୁଥିବା ଅପପୁଷ୍ଟିର ମୁକାବିଲା ପାଇଁ ୟୁନିସେଫ୍ ପକ୍ଷରୁ ଜାତୀୟ ସ୍ୱାସ୍ଥ୍ୟ ମିଶନ୍ ଏବଂ ଓଡିଶା ସରକାରଙ୍କ ସହଯୋଗରେ ଶୁକ୍ରବାର ଏକ ରାଉଣ୍ଡ୍ ଟେବୁଲ୍ ବୈଠକ ଅନୁଷ୍ଠିତ ହୋଇଯାଇଛି। ଅଞ୍ଚଳର ଅତିଶୟ ପୁଷ୍ଟିହୀନତାର ସମାଧାନ ଏବଂ ସଚେତନତା ପାଇଁ ବିଭିନ୍ନ ବିଭାଗ ସହ ଗଣମାଧ୍ୟମର ସହଯୋଗରେ ଆଲୋଚନା କରାଯାଇଥିଲା। କୋରାପୁଟର ଡିପିଏମ୍-ଏନ୍ଓପି ମମତା ମହାନ୍ତି ଓଡିଶାର ସବୁଠୁ ଅଧିକ ପ୍ରଭାବିତ କୋରାପୁଟ ଜିଲାରେ ଅପପୁଷ୍ଟି ସମାଧାନର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରିଥିଲେ। ଜିଲାର ସାମ୍(ଏସ୍ଏଏମ୍) ପରିଚାଳନା ପାଇଁ ସରକାରୀ ସ୍ତରରେ ଚାଲିଥିବା ପ୍ରୟାସ ଏବଂ ଭବିଷ୍ୟତର ଯୋଜନାଗୁଡିକ ଉପରେ ଡିପିଏମ୍ ଆଲୋକପାତ କରିଥିଲେ। ଜିଲାର ଲୋକମାନଙ୍କ ପାଖରେ ଅପପୁଷ୍ଟିର ପ୍ରଭାବଶାଳୀ ସମାଧାନ ପହଁଞ୍ଚାଇବା ପାଇଁ ତୃଣମୂଳ ସ୍ତରରେ ଅଙ୍ଗନୱାଡି କେନ୍ଦ୍ର ଏବଂ ସ୍ଥାନୀୟ ସଙ୍ଗଠନର ଭୂମିକା ଗୁରୁତ୍ୱପୂର୍ଣ୍ଣ। କୋରାପୁଟରେ ୪୩ ପ୍ରତିଶତରୁ ଅଧିକ ପିଲା ବୟସ ଅନୁଯାୟୀ ଉଚ୍ଚତା କମ୍ ହୋଇଥିବା ବେଳେ ୧୬ ପ୍ରତିଶତ ପିଲା ଉଚ୍ଚତା ଅନୁଯାୟୀ ଓଜନ କମ୍‌ର ଶିକାର ହେଉଥିବା ୟୁନିସେଫ୍ ପୋଷଣ ବିଶେଷଜ୍ଞ ସୌରଭ ଭଟ୍ଟାଚାର୍ଯ୍ୟ କହିଛନ୍ତି। ଜୀବନ ବଞ୍ଚାଇବା ଏବଂ ପିଲାମାନଙ୍କ ସୁସ୍ଥ ଭବିଷ୍ୟତକୁ ପ୍ରୋତ୍ସାହିତ କରିବା ପାଇଁ ଅତିଶୟ ପୁଷ୍ଟି ପରିଚାଳନାକୁ ପ୍ରାଥମିକତା ଦେବା ଆବଶ୍ୟକ ରହିଛି। ସାମ୍ ପରିଚାଳନା କେବଳ ଖାଦ୍ୟ ବିଷୟରେ ନୁହେଁ ସ୍ୱାସ୍ଥ୍ୟ, ପରିମଳ ଓ ଶିକ୍ଷା ସହ ସମନ୍ୱିତ ଆଭିମୁଖ୍ୟ ବିଷୟକୁ ମଧ୍ୟ ଗୁରୁତ୍ୱ ଦିଏ। କାର୍ଯ୍ୟକ୍ରମରେ ଅଂଶଗ୍ରହଣକାରୀମାନେ ନିଜ ମତାମତ ରଖିବା ସହ ଅଞ୍ଚଳରେ ଅପପୁଷ୍ଟିର ଆହ୍ୱାନ ଓ ସମାଧାନକୁ ନେଇ ପ୍ରଶ୍ନ ଉଠାଇଥିଲେ। ପଲିସି ମେକର୍, ସ୍ୱାସ୍ଥ୍ୟ ବିଶେଷଜ୍ଞ ଏବଂ ଖବରଦାତାମାନେ ସାମିଲ ହୋଇଥିଲେ। ୟୁନିସେଫ୍ ଏବଂ ଓଡିଶା ସରକାରଙ୍କ ସହଯୋଗରେ ଆୟୋଜିତ ଜାତୀୟ ପୋଷଣ କାର୍ଯ୍ୟକ୍ରମ ଅପପୁଷ୍ଟିରେ ଓଡିଶାର ସବୁଠୁ ଅଧିକ ଅସୁରକ୍ଷିତ କୋରାପୁଟ ଜିଲାରେ ପୋଷଣର ମୁକାବିଲା ଉପରେ ଧ୍ୟାନ ଦେଉଛି।

## ସଂକ୍ଷେପରେ

### ୪ ଯାଏ କିରଣ୍ଡୁଲ ଯିବନି ଯାତ୍ରୀବାହୀ ଟ୍ରେନ୍

ଜୟପୁର,୨୭।୯(ପବନ ପାଣିଗ୍ରାହୀ)

ଛତିଶଗଡ଼ର ବଚେଲୀ ଅଞ୍ଚଳରେ ଅତ୍ୟଧିକ ବର୍ଷା ଯୋଗୁ କିରଣ୍ଡୁଲ୍ ଯାଉଥିବା ଯାତ୍ରୀବାହୀ ଟ୍ରେନ୍‌ଗୁଡ଼ିକୁ ରେଳ ବିଭାଗ ଦନ୍ତେୱାଡ଼ାରୁ ଫେରାଇବା ବ୍ୟବସ୍ଥା କରିଛି। ଟ୍ରେନ୍ ନଂ (୦୮୫୫୧ ଏବଂ ୧୮୫୧୪) ଶନିବାରଠାରୁ ଅକ୍ଟୋବର ୪ ତାରିଖ ଯାଏ ବିଶାଖାପାଟଣା-କିରଣ୍ଡୁଲ୍ ପରିବର୍ତ୍ତେ ବିଶାଖାପାଟଣା-ଦନ୍ତେୱାଡ଼ା ମଧ୍ୟରେ ସେବା ଦେବ ବୋଲି ରେଳ ବିଭାଗ ସୂଚନା ଦେଇଛି। ସେହିପରି ଟ୍ରେନ୍ ନଂ (୦୮୫୫୨ ଏବଂ ୦୧୮୫୧୩) ଆସନ୍ତା ୨୯ ତାରିଖରୁ ଅକ୍ଟୋବର ୫ ତାରିଖ ମଧ୍ୟରେ କିରଣ୍ଡୁଲ୍-ବିଶାଖପାଟଣା ପରିବର୍ତ୍ତେ ଦନ୍ତେୱାଡ଼ା-ବିଶାଖପାଟଣା ଟ୍ରେନ୍ ନିର୍ଦ୍ଧାରିତ ସମୟରେ ସେବା ଯୋଗାଇବ।

### ଭିନ୍ନକ୍ଷମ ସାମର୍ଥ୍ୟ ଶିବିର ପ୍ରସ୍ତୁତି ବୈଠକ

ଜୟପୁର,୨୭।୯(ପବନ ପାଣିଗ୍ରାହୀ)

ଜୟପୁର ମଡର୍ନ ଇଂଲିଶ ସ୍କୁଲ ପରିସରରେ ଭୀମ ଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର ଓ ବାୟୋଶ୍ରୀ ମେଳା ନେଇ ବ୍ଲକ ପ୍ରଶାସନ ପକ୍ଷରୁ ସଭାଗୃହରେ ଏକ ପ୍ରସ୍ତୁତି ବୈଠକ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଶିବିର ଆସନ୍ତା ଅକ୍ଟୋବର ୩ ରେ ଅନୁଷ୍ଠିତ ହେବ। ବ୍ଲକ ଅଧ୍ୟକ୍ଷା ତିଳୋତ୍ତମା ମୁଦୁଲି, ଏବିଡିଓ ମନୋଜ ନାୟକ,ବ୍ଲକ୍ ସାମାଜିକ ସୁରକ୍ଷା ଅଧିକାରୀ କେ.ଏସ୍. ନିଶା,ଜିପିଓ ଭାଗୀରଥି ନାୟକ, ସିଡିପିଓ କାଞ୍ଚନ ପଣ୍ଡା, ସ୍ଥାନୀୟ ସରପଞ୍ଚ, ସମିତି ସଭ୍ୟ ଓ ପିଇଓ ପ୍ରମୁଖ ଉପସ୍ଥିତ ଥିଲେ। ମେଳାରେ ଡାକ୍ତର ଓ ବିଶେଷଜ୍ଞଙ୍କ ଦ୍ୱାରା ଭିନ୍ନକ୍ଷମତା ଚିହ୍ନଟ କରାଯାଇ ପ୍ରମାଣପତ୍ର ପ୍ରଦାନ କରିବା ସହ ଭିନ୍ନକ୍ଷମ ଏବଂ ବରିଷ୍ଠ ନାଗରିକମାନଙ୍କ ସହାୟତା ଉପକରଣ ପାଇଁ ଆବେଦନ ଗ୍ରହଣ କରାଯିବ। ପ୍ରମାଣପତ୍ର ନ ଥିବା ଦିବ୍ୟାଙ୍ଗ ବ୍ୟକ୍ତିମାନେ ନୂତନ ଭାବେ ଆବେଦନ କରିବେ। ଆବଶ୍ୟକ ହେଉଥିବା ଡକ୍ୟୁମେଣ୍ଟ ନେଇ ଶିବିରକୁ ଆସିବେ। ଜୟପୁର ବ୍ଲକ୍‌ର ୨୨ ପଞ୍ଚାୟତରେ ଦିବ୍ୟାଙ୍ଗ ବରିଷ୍ଠ ନାଗରିକମାନେ ଶିବିରରେ ପହଞ୍ଚିବା ନେଇ ସରପଞ୍ଚ,ସମିତି ସଭ୍ୟ ଓ ପିଇଓମାନଙ୍କୁ ଅବଗତ କରାଯାଇଛି।

### ୯୦କେଜି ଗଞ୍ଜେଇ ଜବତ

ନନ୍ଦପୁର,୨୭।୯(ସୁନୀଲ କୁମାର ପଣ୍ଡା)

ନନ୍ଦପୁର ବ୍ଲକ୍ ଅଫିସ୍ ସମ୍ମୁଖରେ ପାଡୁଆରୁ ସେମିଳିଗୁଡା ଯାଉଥିବା ଏକ ଅଟୋରୁ ୯୦ କେଜି ଗଞ୍ଜେଇ ପୋଲିସ ଶୁକ୍ରବାର ଜବତ କରିଛି। ଏସ୍ଆଇ ବେଦବର ସାହୁ, ଏଏସ୍ଆଇ ଗୁପ୍ତେଶ୍ୱର ଗଉଡ଼ା ଓ ରମାନନ୍ଦ ଭକ୍ତ ପ୍ରମୁଖ ପାଟ୍ରୋଲିଂ କରୁଥିବା ବେଳେ ଗଞ୍ଜେଇ ଯାଉଥିବା ଖବର ପାଇଥିଲେ। ନନ୍ଦପୁର ପୋଲିସ ବ୍ଲକ ଅଫିସ ପାଖେ ଜଗି ରହିଥିଲା। ଅଟୋ ନଂ. ଏପି ୩୯ଟିବି-୫୯୪୦କୁ ଅଟକାଇବାରୁ ଗାଡି ଡ୍ରାଇଭର ଫେରାର ହୋଇଥିଲେ। ମାଜିଷ୍ଟ୍ରେଟ ଓ ତହସିଲଦାରଙ୍କ ଉପସ୍ଥିତିରେ ଗଞ୍ଜେଇ ଓଜନ କରାଯାଇଥିଲା। ୧୦୬/୨୪ରେ ମାମଲା ରୁଜୁ ତଦନ୍ତ ଜାରି ରହିଥିବା ଥାନା ଅଧିକାରୀ ମମତା କୁମାରୀ ପଣ୍ଡା କହିଛନ୍ତି।

# ବର୍ଷାରେ ବେଘର ହେଲେ ୩ ପରିବାର

## ସରକାରୀ ସହାୟତାକୁ ଅପେକ୍ଷା

ସେମିଳିଗୁଡ଼ା/ସୁନାବେଡ଼ା,୨୭।୯
(ବାସୁଦେବ ବରାଡ଼/କୃତ୍ତିବାସ ପ୍ରଧାନ)


କାଳିଆମାରିଙ୍କ ଭାଙ୍ଗିଯାଇଥିବା ଘର ।

ଲଗାଣ ବର୍ଷାରେ ସେମିଳିଗୁଡା ବ୍ଲକ ସାଡ଼ାମ ପଞ୍ଚାୟତର ସାଡ଼ାମ ଗ୍ରାମର ୩ ପରିବାର ବେଘର ହୋଇଛନ୍ତି। ସପ୍ତାହରୁ ଅଧିକ ଦିନ ବିତିଥିଲେ ସୁଦ୍ଧା ଏପର୍ଯ୍ୟନ୍ତ କୌଣସି ସରକାରୀ ଅଧିକାରୀ ଗାଁରେ ପହଞ୍ଚି ନ ଥିବା ଲୋକେ ଅଭିଯୋଗ କରିଛନ୍ତି। ସାଡାମ ଗ୍ରାମର ଜଗୁ ପାଙ୍ଗି ଓ ବିଶ୍ୱନାଥ ଗେମେଲଙ୍କ ଘର ସମ୍ପୂର୍ଣ୍ଣ ଭୁଶୁଡି ଥିବା ବେଳେ ଚଟୁ ପଦର ଗାଁର କାଳିଆ ମାରିଙ୍କ ଘର କାନ୍ଥ ଭୁଶୁଡି ପଡିବାରୁ ସେ ଜରି ପାଲ ବାନ୍ଧି ରହିଛନ୍ତି। ପଞ୍ଚାୟତରେ ମୋଟ ୧୦୦ରୁ ଉର୍ଦ୍ଧ୍ୱ ପରିବାର ବାସ କରୁଛନ୍ତି। ସରକାରଙ୍କ ଆବାସ ଯୋଜନାରେ ୭-୮ ପରିବାର ପକ୍କାଘର ପାଇଛନ୍ତି। ହେଲେ ଆହୁରି ବହୁତ ପରିବାର ଝାଟିମାଟି ଘରେ ଜୀବନ ବିତାଉଛନ୍ତି। ସରକାରଙ୍କୁ ଆବାସ ଖଣ୍ଡିଏ ଯୋଗାଇଦେବାକୁ ଗାଁର ଉଦ୍ଧବ ଖରା,ବାସୁଦେବ ଗେମେଲ, ନାଗେଶ୍ୱର ଖରା,ଦେବରାମ ଗେମେଲ,ଜଗନ୍ନାଥ ପାଙ୍ଗି,ସେନାପତି ଖରା ଓ ଗୋବିନ୍ଦ ଖରା ପ୍ରମୁଖ ନିବେଦନ କରିଛନ୍ତି। ଏ ସମ୍ପର୍କରେ ସେମିଳିଗୁଡା ଅତିରିକ୍ତ ତହସିଲଦାର ଦେବୀପ୍ରସାଦ ନାୟକଙ୍କୁ ପଚାରିବାରୁ ସମ୍ପୃକ୍ତ ଆର୍ଆଇଙ୍କ ସହ ଆଲୋଚନାକରି ତଦନ୍ତ ରିପୋର୍ଟ ପାଇବା ପରେ ସରକାରୀ ନିୟମ ଅନୁସାରେ ସହାୟତା ବ୍ୟବସ୍ଥା କରାଯିବ ବୋଲି କହିଛନ୍ତି।

# ମାଛ ଯାଆଁଳ ଛାଡ଼ିବା, ପରିଚାଳନା ତାଲିମ କାର୍ଯ୍ୟକ୍ରମ



କାର୍ଯ୍ୟକ୍ରମରେ ଉପସ୍ଥିତ ମାଛଚାଷୀ ଓ ତାଲିମଦାତା ।

ଜୟପୁର,୨୭।୯(ପବନ ପାଣିଗ୍ରାହୀ)

ଜୟପୁରସ୍ଥିତ ଏମ୍.ଏସ୍.ସ୍ୱାମୀନାଥନ ଗବେଷଣା ପ୍ରତିଷ୍ଠାନ ପକ୍ଷରୁ ମାଛ ଯାଆଁଳ ଛାଡ଼ିବା ଓ ପରବର୍ତ୍ତୀ ପରିଚାଳନା କରିବା ସମ୍ବନ୍ଧୀୟ ତାଲିମ କାର୍ଯ୍ୟକ୍ରମ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଓଡ଼ିଶା ସରକାରଙ୍କ ରାଷ୍ଟ୍ରୀୟ କୃଷି ବିକାଶ ଯୋଜନା ଅନ୍ତର୍ଗତ ସହାୟତା ସମନ୍ୱିତ କୃଷି ପ୍ରଣାଳୀ ପ୍ରକଳ୍ପ କୋରାପୁଟ ଜିଲାର ବୈପାରିଗୁଡ଼ା ବ୍ଲକ ଓ ନବରଙ୍ଗପୁର ଜିଲାର କୋଷଗୁମୁଡା ବ୍ଲକରେ କାର୍ଯ୍ୟ କରିଆସୁଛି। ପ୍ରକଳ୍ପ ମାଧ୍ୟମରେ ୨ ଜିଲାର ୧୬୧ ପୋଖରୀ ଚାଷୀଙ୍କୁ ମାଛ ଯାଆଁଳ ଦିଆଯାଇଛି। ମାଛ ଓ ପୋଖରୀର ସୁପରିଚାଳନା ପାଇଁ ଏମ୍.ଏସ୍. ସ୍ୱାମୀନାଥନ ଗବେଷଣା ପ୍ରତିଷ୍ଠାନ ପକ୍ଷରୁ ଚାଷୀମାନଙ୍କୁ ୩ ଦିନିଆ କାର୍ଯ୍ୟକ୍ରମରେ ତାଲିମ ଦିଆଯାଇଛି। ପୋଖରୀ ପାଣିର ମାନ ଠିକ୍ ରଖିବା,ଜୀବାଣୁମୁକ୍ତ କରିବା, ପ୍ରାକୃତିକ ଖାଦ୍ୟ ପ୍ରସ୍ତୁତି କରିବା, ଘରୋଇ ସନ୍ତୁଳିତ ମାଛ ଖାଦ୍ୟ ପ୍ରସ୍ତୁତି କରିବା, କୃତ୍ରିମ ଖାଦ୍ୟ ଠିକ୍ ପରିମାଣ ଓ ସମୟରେ ଦେବା ଓ ରୋଗପୋକ ପରିଚାଳନା ସହ ମାଛ ଚାଷ ସମ୍ବନ୍ଧୀୟ ଯୋଜନା ଉପରେ ଚାଷୀଙ୍କୁ ଅବଗତ କରାଯାଇଥିଲା। ଗବେଷଣା ପ୍ରତିଷ୍ଠାନର ନିର୍ଦ୍ଦେଶକ ପ୍ରଶାନ୍ତ କୁମାର ପରିଡା, ସହକାରୀ ମତ୍ସ୍ୟ ଅଧିକାରୀ ସୀମାଞ୍ଚଳ ପାଢ଼ୀ, ତ୍ରିବେଣୀ ପାତ୍ର,ଜୟପୁର ଜିଲା ମତ୍ସ୍ୟ କାର୍ଯ୍ୟାଳୟର ତାଲିମଦାତା ଭାବେ ଉପସ୍ଥିତ ଥିଲେ।

# ମାଣ୍ଡିଆ ତଳି ରୋପଣ କରି ପ୍ରତିବାଦ କଲେ ଗ୍ରାମବାସୀ


ମାଲିଗୁଡା ଗ୍ରାମବାସୀ ମାଣ୍ଡିଆ ତଳି ରୋପଣ କରୁଛନ୍ତି ।

ଦଶମନ୍ତପୁର,୨୭।୯(ଅରବିନ୍ଦ ନାୟକ)

କୋରାପୁଟ ଜିଲା ଦଶମନ୍ତପୁର ବ୍ଲକ ଅନ୍ତର୍ଗତ ଏ.ମାଲକାନାଗିରି ପଞ୍ଚାୟତ ଅଧିନସ୍ଥ ଜଗି ମାଲିଗୁଡାରେ ଆବଶ୍ୟକ ପକ୍କା ରାସ୍ତା ନ ଥିବାରୁ ଗାଁ ଲୋକେ ମାଟି ରାସ୍ତାରେ ମାଣ୍ଡିଆ ତଳି ରୋପଣ କରି ପ୍ରତିବାଦ କରିଛନ୍ତି। ପ୍ରକାଶ ଯେ ଏହି ଗ୍ରାମରେ ମାଳି ସମ୍ପ୍ରଦାୟର ମୋଟ ୪୦ ଘର ପରିବାର ବସବାସ କରିଥାନ୍ତି। ଗ୍ରାମକୁ ପକ୍କା ରାସ୍ତା ନ ଥିବାରୁ ପ୍ରତି ଘରୁ ଜଣେ ଲେଖାଏ ବାହାରି ଶ୍ରମଦାନ କରି ରାସ୍ତା ନିର୍ମାଣ କରିଥିଲେ। ଏ ନେଇ ପୂର୍ବରୁ ମଧ୍ୟ ପ୍ରତିବାଦ କରାଯାଇଥିଲା। ଗ୍ରାମକୁ ସଂଯୋଗ କରୁଥିବା ରାସ୍ତା ଯାତ୍ରାୟତ ପ୍ରଯୁଜ୍ୟ ନୁହେଁ। ପ୍ରଶାସନ ପକ୍ଷରୁ ଉନ୍ନୟନମୂଳକ କାର୍ଯ୍ୟ ଓ ପକ୍କା ରାସ୍ତା ନିର୍ମାଣ ପ୍ରତି ଦୃଷ୍ଟି ଦିଆଯାଉ ନ ଥିବାରୁ ଲୋକେ ସମସ୍ୟାର ସମ୍ମୁଖୀନ ହେଉଥିବା ଗ୍ରାମବାସୀ କହିଛନ୍ତି। କେବଳ ୨ ଚକିଆ ଯାନ ନୁହେଁ ଚାଲି ଚାଲି ଗ୍ରାମକୁ ଯିବା କଷ୍ଟକର ହେଉଥିବା ଲଳିତା ମାଲି,ଚଇତି ମାଲି,ଭାନୁ ମାଲି, ଯମୁନା ମାଲିଙ୍କ ସହ ଅନ୍ୟ ଗ୍ରାମବାସୀ ପ୍ରକାଶ କରିଛନ୍ତି। ଗାଁଠାରୁ ଆଦର୍ଶ ବିଦ୍ୟାଳୟ ଛକ କେବଳ ୫୦୦ ମିଟର ହୋଇଥିବା ବେଳେ ଉପଯୁକ୍ତ ରାସ୍ତା ବ୍ୟବସ୍ଥା ନାହିଁ। ଏହାର ପ୍ରତିବାଦ କରି ଗାଁ ଲୋକ କାଦୁଅ ରାସ୍ତାରେ ମାଣ୍ଡିଆ ତଳି ରୋପଣ ସହ ଶ୍ରମଦାନ କରି ରାସ୍ତା ମରାମତି କରୁଥିବା ନଜରକୁ ଆସିଛି। ରାସ୍ତା ସମସ୍ୟାକୁ ନେଇ ପୂର୍ବରୁ ଅନେକ ଥର ବିଧାୟକ, ବ୍ଲକ ଓ ଜିଲା ପ୍ରଶାସନକୁ ବାରମ୍ବାର ଲିଖିତ ଓ ମୌଖିକ ଭାବେ ଜଣାଇଥିଲେ ମଧ୍ୟ କୌଣସି ସୁଫଳ ମିଳି ନ ଥିବାରୁ ଗ୍ରାମବାସୀ ଏଭଳି ପଦକ୍ଷେପ ନେବା ପାଇଁ ବାଧ୍ୟ ହୋଇଛନ୍ତି ବୋଲି କହିଛନ୍ତି। ପକ୍କା ରାସ୍ତା ବ୍ୟବସ୍ଥା କରା ନ ଗଲେ ଆଗାମୀ ଦିନରେ ବ୍ଲକ ସମ୍ମୁଖରେ ଧାରଣା ଦେବାକୁ ବାଧ୍ୟ ହେବୁ ବୋଲି ଗ୍ରାମବାସୀ ଚେତାବନୀ ଦେଇଛନ୍ତି।

# ବର୍ଷା ଯୋଗୁ ରାସ୍ତାରେ ଗାତ, ଯାତାୟାତ ପ୍ରଭାବିତ

ସୁନାବେଡ଼ା/ସେମିଳିଗୁଡ଼ା,୨୭।୯
(କୃତ୍ତିବାସ ପ୍ରଧାନ/ବାସୁଦେବ ବରାଡ଼)

ଲଗାଣ ବର୍ଷାରେ ସେମିଳିଗୁଡ଼ା ବ୍ଲକ୍ ଅନ୍ତର୍ଗତ ବିଭିନ୍ନ ପଞ୍ଚାୟତର ଗାଁକୁ ସଂଯୋଗ କରୁଥିବା ରାସ୍ତା ଉପରୁ ପିଚୁ ଉଠିଯାଇ କଲଭର୍ଟ ଉପରେ ଗାତ ହୋଇ ଯାତାୟାତ ପ୍ରଭାବିତ ହୋଇଛି। ସେମିଳିଗୁଡ଼ା ବ୍ଲକ୍ ରେଙ୍ଗା ପଞ୍ଚାୟତ ଗୁଣ୍ଡାଗୁଡ଼ା ଛକରୁ ରାଲେଗଡ଼ାକୁ ସଂଯୋଗ କରୁଥିବା ଓ ସାଡ଼ାମକୁ ଯିବା ମୁଖ୍ୟ ରାସ୍ତାର ଡମୁଣିଖୋଲା ଗାଁ ରାସ୍ତାରେ



ଗାତ ହୋଇଛି। ଉଭୟ ରାସ୍ତା ଦେଇ ଦୈନିକ ସାଡ଼ାମ ପଞ୍ଚାୟତର ଅଧିକାଂଶ ଗାଁ ଲୋକ ଯା'ଆସ କରିବା ସହ ଗାଡ଼ି ମଟର ମଧ୍ୟ ଯାତାୟାତ କରେ। ସାମାନ୍ୟ ଅସାବଧାନତାରୁ ଯେକୌଣସି ସମୟରେ ଦୁର୍ଘଟଣା ଘଟିବା ସମ୍ଭାବନା ଥିବାବେଳେ ପୂର୍ତ୍ତ ବିଭାଗ ଓ ବ୍ଲକ୍ ପ୍ରଶାସନ ତୁରନ୍ତ ଦୃଷ୍ଟିଦେବାକୁ ଗ୍ରାମବାସୀ ଦାବି କରିଛନ୍ତି । ଏ ସମ୍ପର୍କରେ ସେମିଳିଗୁଡ଼ା ବିଡିଓ ଦାୟିତ୍ୱରେ ଥିବା କୋରାପୁଟ ବିଡିଓ ଦେବାଶିଷ ଗୌଡ଼ଙ୍କୁ ପଚାରିବାରୁ ରାସ୍ତାରେ ଗାତ ବିଷୟରେ ସମ୍ପୃକ୍ତ ବିଭାଗ ସହ ଆଲୋଚନାକରି ମରାମତି କରାଯିବ ବୋଲି କହିଛନ୍ତି ।

# ସ୍ୱାସ୍ଥ୍ୟସେବା ସହଜରେ ଉପଲବ୍ଧ କରାଇବା ନେଇ ଆଲୋଚନା

ଦାମନଯୋଡ଼ି,୨୭।୯(ମାନସ କର)




ମାଥାଲପୁଟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ କୋରାପୁଟ ବ୍ଲକସ୍ତରୀୟ ରୋଗୀ କଲ୍ୟାଣ ସମିତିର ପରିଚାଳନା କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି। ସମିତି ଅଧ୍ୟକ୍ଷ ତଥା ପଟ୍ଟାଙ୍ଗି ବିଧାୟକ ରାମଚନ୍ଦ୍ର କାଡାମ ମୁଖ୍ୟ ଅତିଥି, ଓ ଅଧ୍ୟକ୍ଷା ନମିତା ମାଝୀ, ଜିଲା ପରିଷଦ ସଭ୍ୟ ମିହିର କୁଳଦୀପ, ସମିତି ଉପାଧ୍ୟକ୍ଷ ତଥା ବ୍ଲକ ଉନ୍ନୟନ ଅଧିକାରୀ ଦେବାଶିଷ ଗୌଡ଼ ସମ୍ମାନିତ ଅତିଥିଭାବେ ଯୋଗ ଦେଇଥିଲେ। ଏବିଇଓ ଜାସନ ବେନିଆ, ଆଇସିଡିଏସ୍ ସୁପର ଭାଇଜର ଓ ଅନ୍ୟ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ। ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଡା.ସୁମନ କୁମାର ଟପ୍ପୋ, ବିପିଏମ୍ ନୂତନ ସିଂହ ଓ ପିଏଚ୍ଇଓ ବିଜୟ କୁମାର ଖିଲଙ୍କ ସହିତ ସ୍ୱାସ୍ଥ୍ୟକେନ୍ଦ୍ରର ଡାକ୍ତର ଓ କର୍ମଚାରୀ ଉପସ୍ଥିତ ଥିଲେ। ଲୋକଙ୍କ ପାଇଁ ବିଭିନ୍ନ ସ୍ୱାସ୍ଥ୍ୟ ସେବା କିପରି ସହଜରେ ଉପଲବ୍ଧ ହୋଇପାରିବ ସେ ସମ୍ପର୍କରେ ବୈଠକରେ ଆଲୋଚନା ହୋଇଥିଲା। ସ୍ୱାସ୍ଥ୍ୟ କେନ୍ଦ୍ର ଚାରିପଟକୁ ଆଲୋକିତ, ପାର୍କିଂ ବ୍ୟବସ୍ଥା, ଅତ୍ୟାବଶ୍ୟକ ଯନ୍ତ୍ରପାତି କ୍ରୟ, ସଫାସୁତୁରା ରଖିବା ଓ ରୋଗୀକଲ୍ୟାଣ ସମିତିର ବିଭିନ୍ନ କାର୍ଯ୍ୟ ବିଷୟରେ ନିଷ୍ପତ୍ତି ନିଆଯାଇଥିଲା।

# ନର୍ସିଂ କର୍ମଚାରୀଙ୍କ କାର୍ଯ୍ୟବନ୍ଦ ଆନ୍ଦୋଳନ



କୋରାପୁଟ ଶହୀଦ ଲକ୍ଷ୍ମଣ ନାୟକ ମେଡିକାଲ କଲେଜ ଓ ହସ୍ପିଟାଲର କର୍ମକର୍ତ୍ତା ଆନ୍ଦୋଳନ କରୁଛନ୍ତି ।

କୋରାପୁଟ,୨୭।୯(ଅମିତାଭ ବେହେରା)

ଓଡ଼ିଶା ନର୍ସିଂ କର୍ମଚାରୀ ସଂଘର ଡାକରାରେ କୋରାପୁଟ ଶହୀଦ ଲକ୍ଷ୍ମଣ ନାୟକ ମେଡିକାଲ କଲେଜ ଓ ହସ୍ପିଟାଲ ଶାଖାର କର୍ମକର୍ତ୍ତାମାନେ ଶୁକ୍ରବାରଠାରୁ ସମ୍ପୂର୍ଣ୍ଣ କାର୍ଯ୍ୟବନ୍ଦ ଆନ୍ଦୋଳନ କରିଛନ୍ତି। କୋରାପୁଟ ସହୀଦ ଲକ୍ଷ୍ମଣ ନାୟକ ମେଡିକାଲ କଲେଜ ଓ ହସ୍ପିଟାଲରେ ୨୧୭ ନର୍ସିଂ କର୍ମଚାରୀ ସମ୍ପୂର୍ଣ୍ଣ କାର୍ଯ୍ୟବନ୍ଦ କରିଥିବା ହସ୍ପିଟାଲ ରେଜିଷ୍ଟ୍ରାର(ପ୍ରଶାସନ) ରଞ୍ଜିତା ମଲ୍ଲିକ କହିଛନ୍ତି। ହସ୍ପିଟାଲ ପକ୍ଷରୁ ଫାର୍ମାସିଷ୍ଟ ଓ ଏଏନ୍ଏମ୍‌ମାନଙ୍କୁ ରୋଗୀ ସେବା ପାଇଁ ଦାୟିତ୍ୱ ଦିଆଯାଇଥିବା ସେ କହିଛନ୍ତି। ରାଜ୍ୟ ସରକାର ୧୦ ଦଫା ଦାବି ପୂରଣ ପାଇଁ ଲିଖିତ ପ୍ରତିଶ୍ରୁତି ନ ଦେବା ଯାଏ ଆନ୍ଦୋଳନ ଜାରି ରହିବ ବୋଲି କୋରାପୁଟ ଶାଖା ସମ୍ପାଦକ କୁଳମଣି ସାହୁ ପ୍ରକାଶ କରିଛନ୍ତି।

# ଦେଶୀ ମଦ ଚାଲାଣ, ୨ ଗିରଫ

ଜୟପୁର,୨୭।୯(ପବନ ପାଣିଗ୍ରାହୀ)

ଦେଶୀମଦ ଚାଲାଣ ବେଳେ ଜୟପୁର ଅବକାରୀ ବିଭାଗ ପକ୍ଷରୁ ଶୁକ୍ରବାର ଚଢାଉ କରି ୨ଅଭିଯୁକ୍ତଙ୍କୁ ଗିରଫ କରାଯାଇଛି। ସେମାନେ ହେଲେ ମେଦ୍ରି ସାହିର କ୍ରିଷ୍ଟା ନାଗ ଓ ଖାଲ ସାହିର ମୁକ୍ତା ପରଜା। ଜୟପୁର ଅବକାରୀ ଥାନା ମେଦ୍ରିସାହିରେ ଚଢ଼ାଉ କରି ୪୫ ଓ ଖାଲ ସାହିରେ ୯ ଲିଟର ଦେଶୀ ମଦ ଜବତ କରିଥିବା ଜୟପୁର ଅବକାରୀ ଥାନା ଓଆଇସି ନୀଳାଦ୍ରି ବିହାରୀ ମିଶ୍ର ସୂଚନା ଦେଇଛନ୍ତି ।

# ୭ ଜିଲାର ସ୍ଥାୟୀ ବିକାଶ ପାଇଁ ଖସଡ଼ା ପ୍ରସ୍ତୁତ

## ଦକ୍ଷିଣ ଓଡ଼ିଶା ଉନ୍ନୟନ ପରିଷଦର ବାର୍ଷିକୋତ୍ସବ

ଭୁବନେଶ୍ୱର,୨୭।୯(ଶର୍ମିଷ୍ଠା ପାଣିଗ୍ରାହୀ)

ଦକ୍ଷିଣ ଓଡିଶା ଉନ୍ନୟନ ପରିଷଦର ବାର୍ଷିକୋତ୍ସବ ତଥା ସାଧାରଣ ଅଧିବେଶନ ଶୁକ୍ରବାର ଗୀତଗୋବିନ୍ଦ ସଦନଠାରେ ଅନୁଷ୍ଠିତ ହୋଇଯାଇଛି। ୭ଜିଲା ମାଲକାନଗିରି, କୋରାପୁଟ, ରାୟଗଡ଼ା, ନବରଙ୍ଗପୁର, କନ୍ଧମାଳ, ଗଜପତି ଓ ଗଞ୍ଜାମକୁ ନେଇ ଏହି ପରିଷଦ ଗଠିତ। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଏମ୍‌ପି ମୁନା ଖାଁ ଯୋଗଦେଇ ଦକ୍ଷିଣ ଓଡିଶାର ବିକାଶ ପାଇଁ ରାଜ୍ୟ ସରକାରଙ୍କ ସହ ଆଲୋଚନା କରିବାକୁ ପ୍ରସ୍ତାବ ରଖିଥିଲେ। ପରିଷଦର ସମସ୍ତ ଦାବି ଓ ପ୍ରସ୍ତାବ ସରକାର ମାନିନେବେ ଏବଂ ସହଯୋଗ କରିବେ ବୋଲି ସେ ଆଶାବ୍ୟକ୍ତ କରିଥିଲେ। ସମ୍ମାନିତ ଅତିଥି ଭାବେ ଯୋଗଦେଇ ପାରଳାଖେମୁଣ୍ଡି ବିଧାୟକ ରୂପେଶ ପାଣିଗ୍ରାହୀ କହିଲେ, ବିକାଶ କ୍ଷେତ୍ରରେ କୌଣସି ପ୍ରକାର ପାତର ଅନ୍ତରକୁ ବରଦାସ୍ତ କରାଯିବ ନାହିଁ। ଏସ୍‌କେସିଜି ମହାବିଦ୍ୟାଳୟକୁ ବିଶ୍ୱବିଦ୍ୟାଳୟ ଘୋଷଣା ଓ କ୍ରୀଡା କମ୍ପ୍ଲେକ୍ସ ନିର୍ମାଣ ପାଇଁ ସେ ସରକାରଙ୍କ ନିକଟରେ ମତ ରଖିବେ। ପୋଲଭରମ ଓ କୁଟିଆ ଉପରେ ବିଧାନସଭାରେ ଲଢେଇ ଜାରି ରହିବ ବୋଲି ସେ କହିଛନ୍ତି। ପରିଷଦ ସଭାପତି ଭୃଗୁ ବକ୍ସିପାତ୍ର କାର୍ଯ୍ୟକ୍ରମରେ ଅଧ୍ୟକ୍ଷତା କରି କହିଲେ, ଗୋପାଳପୁର ବନ୍ଦର ଅନ୍ତର୍ଜାତୀୟ ବୃହତ୍ ବନ୍ଦର ହେବ ଏହା ସୌଭାଗ୍ୟର କଥା, କିନ୍ତୁ ଏଠାରେ ଦକ୍ଷିଣ ଓଡିଶାର ଯୁବତୀଯୁବକଙ୍କୁ ନିଯୁକ୍ତି ଦେବା ଉପରେ ସେ ଗୁରୁତ୍ୱ ଦେଇଥିଲେ। ଏଥିସହ ବନ୍ଦର ପାଇଁ ଦକ୍ଷିଣ ଓଡିଶାର ପରିବେଶ ଉପରେ ଯେପରି କୁପ୍ରଭାବ ନ ପଡିବ ସେନେଇ କହିଥିଲେ। ସଙ୍ଗଠନର ସମ୍ପାଦକ ଇଂ. ବିପିନ ବିହାରୀ ପଣ୍ଡା, ଦକ୍ଷିଣାବର୍ତ୍ତର ସମ୍ପାଦକ ସ୍ୱଦେଶ ସୁନ୍ଦର ପଟ୍ଟନାୟକ ମଞ୍ଚରେ ମଞ୍ଚାସୀନ ଥିଲେ। ଅତିଥିଙ୍କ ଦ୍ୱାରା ଦକ୍ଷିଣାବର୍ତ୍ତର ଏକାଦଶ ସଂକଳନ ଉନ୍ମୋଚିତ ହୋଇଥିଲା। ଏହି ଅବସରରେ ଦକ୍ଷିଣ ଓଡ଼ିଶାର ସାମଗ୍ରିକ ବିକାଶର ଅନ୍ୟାନ୍ୟ ପ୍ରସଙ୍ଗରେ ଆଲୋଚନା କରାଯାଇ ଏକ ସ୍ଥାୟୀ ବିକାଶର ଖସଡା ପ୍ରସ୍ତୁତ କରାଯାଇଛି। ଦ୍ୱିତୀୟ ଅଧିବେଶନରେ ଅବସରପ୍ରାପ୍ତ ପ୍ରଫେସର ତଥା ପରିବେଶ ବିତ୍ ଡ. ସୁନ୍ଦର ନାରାୟଣ ପାତ୍ରଙ୍କ ଦ୍ୱାରା ଆଗାମୀ ୨ବର୍ଷ ପାଇଁ ପରିଷଦର ସାଙ୍ଗଠନିକ ନିର୍ବାଚନ ହୋଇଥିଲା। ସଭାପତି ଭାବେ ଭୃଗୁ ବକ୍ସିପାତ୍ର ସର୍ବସମ୍ମତିକ୍ରମେ ନିର୍ବାଚିତ ହୋଇଥିଲେ। ଉପସଭାପତି ଭାବେ ବିପିନ ବିହାରୀ ପଣ୍ଡା, ସମ୍ପାଦକ ବି.ସୀତାରାମ ପାତ୍ର, କୋଷାଧ୍ୟକ୍ଷ ରାଜକିଶୋର ପାଣିଗ୍ରାହୀ ଓ ଯୁଗ୍ମ ସମ୍ପାଦକ ଭାବେ ଉମାକାନ୍ତ ପାତ୍ର ଏବଂ ୧୦ଜଣ କାର୍ଯ୍ୟକାରୀ ସଦସ୍ୟ ନିର୍ବାଚିତ ହୋଇଛନ୍ତି। ଉମାକାନ୍ତ ପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ। ପରେ ଏକ ଖବରଦାତା ସମ୍ମିଳନୀରେ ସରକାରଙ୍କ ଦୃଷ୍ଟି ଆକର୍ଷଣ ପାଇଁ ବିଭିନ୍ନ ଦାବି ଉପସ୍ଥାପନ କରାଯାଇଥିଲା।




# ପ୍ରତିଭାଙ୍କୁ ଲୋକଲୋଚନକୁ ଆଣୁଛି ସୁରଭି

କୋରାପୁଟ/ ଜୟପୁର,୨୭।୯
(ଅମିତାଭ ବେହେରା/ ପବନ ପାଣିଗ୍ରାହୀ)


କୋରାପୁଟରେ ଆୟୋଜିତ କାର୍ଯ୍ୟକ୍ରମରେ କୃତୀ ପ୍ରତିଯୋଗୀଙ୍କୁ ଅତିଥି ପୁରସ୍କୃତ କରୁଛନ୍ତି ।

କୋରାପୁଟ ଜିଲା ପୁଜାରିପୁଟ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ମାଳି ସାହି କ୍ଲଷ୍ଟରସ୍ତରୀୟ ସୁରଭି କାର୍ଯ୍ୟକ୍ରମ କରାଯାଇଛି। ଏଥିରେ ୧୨ ବିଦ୍ୟାଳୟରୁ ୧୩୪ ଛାତ୍ରୀଛାତ୍ର ଭାଗ ନେଇଥିଲେ। ୩ ବର୍ଗରେ ୨୩ଟି ପ୍ରତିଯୋଗିତା କରାଯାଇଥିଲା। ପୁରସ୍କାର ପ୍ରଦାନ ଉତ୍ସବରେ କୋରାପୁଟ ପୌରାଧ୍ୟକ୍ଷ ଲଲାଟ ରଞ୍ଜନ ସେଠୀ ମୁଖ୍ୟ ଅତିଥି, ଉପାଧ୍ୟକ୍ଷ ସବିତା ପଣ୍ଡା, ବିଇଓ ଶ୍ରୀକାନ୍ତ ଜାନୀ, ଏବିଇଓ ଯସନ୍ ବେନ୍ୟା, ଶିବ ପ୍ରସାଦ ରଥ, ବାଳିକା ଶିକ୍ଷା ସଂଯୋଜକ ଶୁଭେନ୍ଦୁ ବାରିକ ସମ୍ମାନୀତ ଅତିଥିଭାବେ ଉପସ୍ଥିତ ଥିଲେ। ସାଂସ୍କୃତିକ କାର୍ଯ୍ୟକ୍ରମର ବିଚାରକ ଭାବେ ସୀମାଞ୍ଚଳ ଦାସ ରବୀନ ମହାନନ୍ଦିଆ ଯୋଗ ଦେଇଥିଲେ। ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ ପ୍ରଦୀପ ପାତ୍ର, ପ୍ରଧାନଶିକ୍ଷୟତ୍ରୀ ମଧୁସ୍ମିତା ସୁଚେନ, ଜେ. ରଞ୍ଜିତ, ସତ୍ୟାଞ୍ଜଳ ଆଚାର୍ଯ୍ୟ ପରିଚାଳନାରେ ସହଯୋଗ କରିଥିଲେ। ପ୍ରମୋଦ ଡାକୁଆ ମଞ୍ଚ ପରିଚାଳନା କରିଥିଲେ।

ଦଶମନ୍ତପୁର ବ୍ଲକ ଲୁଲ୍ଲା ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ସିଆରସିସି ନିକୁଞ୍ଜ କିଶୋର ସାହୁଙ୍କ ତତ୍ତ୍ୱାବଧାନରେ କ୍ଲଷ୍ଟରସ୍ତରୀୟ ସୁରଭି କାର୍ଯ୍ୟକ୍ରମ କରାଯାଇଛି। ବିଇଓ ଦୟା ସିନ୍ଧୁ ବାଘ ମୁଖ୍ୟ ଅତିଥି, ସମ୍ମାନିତ ଅତିଥି ଲୁଲ୍ଲା ସରପଞ୍ଚ ଚଞ୍ଚଳା ମୁଦୁଲି ସମ୍ମାନିତ ଅତିଥିଭାବେ ଯୋଗ ଦେଇଥିଲେ। ଅନେକ ପ୍ରତିଭା ଲୁଚିଯାଉଛନ୍ତି। ସେମାନଙ୍କୁ ଲୋକଲୋଚନକୁ ଆଣିବା ସୁରଭି ମାଧ୍ୟମ ବୋଲି ଅତିଥି କହିଥିଲେ। ଛାତ୍ରୀଛାତ୍ରଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତା କରାଯାଇଛି। ଅତିଥି କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରିଥିଲେ।

ଜୟପୁର ବ୍ଲକ କୁନ୍ତରଖାଲ କ୍ଲଷ୍ଟରରେ ବାମୁଣୀପୁଟ ଏସ୍ଏସ୍‌ଡି ବିଦ୍ୟାଳୟରେ ସୁରଭି ପାଳିତ ହୋଇଛି। ସରପଞ୍ଚ ସରସ୍ୱତୀ ମାଝୀ, ଏସ୍ଏମ୍‌ସି ସଭାପତି ରବୀନ୍ଦ୍ରନାଥ ପ୍ରଧାନ, ଅଧ୍ୟକ୍ଷ ଘାସିରାମ ହୋତା, ବରିଷ୍ଠ ଶିକ୍ଷକ ରଞ୍ଜନ ପଣ୍ଡା, ବିଇଓ ଚନ୍ଦନ ନାୟକ, ଗୋଷ୍ଠୀ ଶିକ୍ଷା କାର୍ଯ୍ୟାଳୟ ସଦସ୍ୟ ରଞ୍ଜନ ମହାନ୍ତି, ସିଆରସିସି ଜ୍ୟୋତି ଶଙ୍କର ତ୍ରିପାଠୀ, ଶିକ୍ଷକ ସଂଘ ସଭାପତି ଦେବୀ ପ୍ରସାଦ ଦାଶ ଉପସ୍ଥିତ ଥିଲେ। କୃତି ପ୍ରତିଯୋଗୀଙ୍କୁ ଅତିଥି ପୁରସ୍କୃତ କରିଥିଲେ। ଶିକ୍ଷୟିତ୍ରୀ ବିଜୟଲକ୍ଷ୍ମୀ ସ୍ୱାଇଁ ଓ ଆଞ୍ଚଳିକ ସାଧନକେନ୍ଦ୍ରର ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକ ସହଯୋଗ କରିଥିଲେ।

## ଶିଶୁ ମହୋତ୍ସବ ସୁରଭି ପାଳିତ

ସୁନାବେଡ଼ା/ସେମିଳିଗୁଡ଼ା,୨୭।୯
(କୃତ୍ତିବାସ ପ୍ରଧାନ/ବାସୁଦେବ ବରାଡ଼)

ସେମିଳିଗୁଡ଼ା ବ୍ଲକ ଅନ୍ତର୍ଗତ ହାଟଗୁଡା ସରକାରୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟରେ ଆଞ୍ଚଳିକସ୍ତରୀୟ ଶିଶୁ ମହୋତ୍ସବ ସୁରଭି ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ହାଟଗୁଡା କ୍ଲଷ୍ଟର ଅନ୍ତର୍ଗତ ସମସ୍ତ ବିଦ୍ୟାଳୟର ଛାତ୍ରୀଛାତ୍ର ଅଂଶ ଗ୍ରହଣ କରିଥିଲେ। ହାଟଗୁଡା ସିଆର୍‌ସିସି ବିପିନ ବିହାରି ବିଶ୍ୱାଳ,ଗୋଷ୍ଠୀ ଶିକ୍ଷାଧିକାରୀ ଚମେଲି ମଜୁମଦାର, ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ସୁଜାତା ପାତ୍ର, ହାଟଗୁଡା ପଞ୍ଚାୟତ ସରପଞ୍ଚ ନାରାୟଣ ନନ୍ଦିବାଲି, ହାଟଗୁଡା ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷୟିତ୍ରୀ ରଶ୍ମିତା ସ୍ୱାଇଁ, ବ୍ଲକ ପ୍ରାଥମିକ ଶିକ୍ଷକ ସଂଘର ସଭାପତି ବିଜୟ ଇଡିଙ୍ଗ ଓ ସମ୍ପାଦକ ଶରତ କୁମାର ଭତ୍ରା ପ୍ରମୁଖ ଉପସ୍ଥିତ ଥିଲେ। ବିଭିନ୍ନ ବିଦ୍ୟାଳୟଗୁଡିକରୁ ଆସିଥିବା ଛାତ୍ରୀଛାତ୍ରଙ୍କ ମଧ୍ୟରେ ବକ୍ତୃତା, ଚିତ୍ରାଙ୍କନ, ରଚନା, ହସ୍ତାକ୍ଷର, ସୃଜନୀ ଲିଖନ, ପ୍ରବନ୍ଧ,ନୃତ୍ୟ ଓ ସଙ୍ଗୀତ ପ୍ରତିଯୋଗିତା ଆୟୋଜିତ ହୋଇଥିଲା। ଏଥିରେ କ୍ଲଷ୍ଟରର ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକ,ବିଦ୍ୟାଳୟ ପରିଚାଳନା କମିଟିର ସଦସ୍ୟ ଓ ଅଭିଭାବକ ଉପସ୍ଥିତ ଥିଲେ।

## ମନ୍ଦିରରେ ତ୍ରିଶୂଳ, ସର୍ପ ପ୍ରତିଷ୍ଠା ଉତ୍ସବ

**ଗୁଣପୁର,୨୭।୯(ପ୍ରଦୀପ କୁମାର ପାଢ଼ୀ)**

ଗୁଣପୁର କଲେଜ ନିକଟରେ ଥିବା ଶ୍ରୀ କାଶୀ ବିଶ୍ୱନାଥ ମନ୍ଦିରରେ ଶୁକ୍ରବାର ତ୍ରିଶୂଳ ଏବଂ ସର୍ପ ପ୍ରତିଷ୍ଠା ଉତ୍ସବ ଅନୁଷ୍ଠିତ ହୋଇଛି। ଏଥିଲାଗି ମନ୍ଦିରରେ ସମସ୍ତ ନିତିକାନ୍ତି ଏବଂ ପୂଜାର୍ଚ୍ଚନା ଅନୁଷ୍ଠିତ ହୋଇଥିଲା। ପରେ ଶ୍ରୀ ବିଶ୍ୱନାଥଙ୍କ ନିକଟରେ ତ୍ରିଶୂଳ ଏବଂ ସର୍ପ ଲାଗି କରାଯାଇଥିଲା। ପୂଜକ ଭାବେ ଗୁପ୍ତେଶ୍ୱର ଆଚାର୍ଯ୍ୟ ପୂଜା କାର୍ଯ୍ୟ ସମ୍ପାଦନା କରିଥିଲେ। କର୍ତ୍ତା ଭାବେ ପ୍ରକାଶ ରାଜଗୁରୁ କାର୍ଯ୍ୟ ସମ୍ପାଦନା କରିଥିଲେ। ମନ୍ଦିରର ମୁଖ୍ୟ ପୂଜକ ସତ୍ୟ ନାରାୟଣ ଆଚାର୍ଯ୍ୟଙ୍କ ସମେତ କାଶୀ ବିଶ୍ୱନାଥ ବୋଲବମ ସଂଘର ସଦସ୍ୟମାନେ ଉପସ୍ଥିତ ରହି ପୂଜା କାର୍ଯ୍ୟ ପରିଚାଳନାରେ ସହଯୋଗ କରିଥିଲେ।

# ରୁଟ୍ ପରମିଟ୍ ମିଳୁନି, ପଡ଼ିରହିଛି ୧୧ ଏସି ଲକ୍ଷ୍ମୀ ବସ୍

**ରାୟଗଡ଼ା,୨୭।୯(ଆଶିଷ ରଞ୍ଜନ ପଣ୍ଡା)**

ଗ୍ରାମାଞ୍ଚଳ ଓ ସହରାଞ୍ଚଳ ମଧ୍ୟରେ ଗମନାଗମନ ବ୍ୟବସ୍ଥାକୁ ସୁଦୃଢ଼ କରିବା ପାଇଁ ପୂର୍ବ ସରକାର ସମୟରେ ଗଡ଼ିଥିଲା ଲକ୍ଷ୍ମୀ ବସ୍। ହେଲେ ଏବେ ସେହି ଲକ୍ଷ୍ମୀ ବସ୍ ଯୋଜନା କେତେ ସଫଳ ହେବ ତାହା ସନ୍ଦେହ ଘେରରେ ରହିଛି। ଶୀତତାପ ନିୟନ୍ତ୍ରିତ ବସ୍ ଗଡ଼ିବା ନେଇ ମଧ୍ୟ ଯୋଜନା ହୋଇଥିଲା। ବିଭିନ୍ନ ଜିଲାକୁ ୧୧ ବସ୍ ମଧ୍ୟ ଆସି ପହଞ୍ଚିଥିଲା। ହେଲେ ଉକ୍ତ ବସଗୁଡ଼ିକୁ ରୁଟ୍ ପରମିଟ୍ ଅନୁମତି ମିଳି ନ ଥିବାରୁ ୮ ମାସ ହେଲାଣି ବସଗୁଡ଼ିକ ଛିଡ଼ା ହୋଇ ରହିଛି। ବସ୍‌ଗୁଡ଼ିକ ରହିବା ପାଇଁ କୌଣସି



ଆରଏମ୍‌ସି କାର୍ଯ୍ୟାଳୟ ପରିସରରେ ଛିଡା ହୋଇଥିବା ଲକ୍ଷ୍ମୀ ବସ୍।

ଡିପୋ ନ ଥିବା କାରଣରୁ ରାୟଗଡ଼ାସ୍ଥିତ ଆରଏମସି କାର୍ଯ୍ୟାଳୟ ପରିସରରେ ଖୋଲା ଆକାଶ ତଳେ ବସଗୁଡ଼ିକ ପଡ଼ି ରହିଛି। ଫଳରେ ବର୍ଷା, ଖରା ଆଦି ବାଜି ବସ୍‌ଗୁଡ଼ିକ କେଉଁ ଅବସ୍ଥାରେ ରହିଥିବ ତାହା ସହଜେ ଅନୁମେୟ।

ଜିଲାରେ ବର୍ତ୍ତମାନ ୪୧ଟି ଲକ୍ଷ୍ମୀ ବସ୍ ରହିଛି। ସେଥିରୁ ୩୯ଟି ବସ ୩୯ରୁଟ୍‌ରେ ଗଡ଼ୁଛି। ବଳକା ୨ଟି ଅତିରିକ୍ତ ଭାବେ ରଖାଯାଇଛି। ତେବେ ଶୀତତାପ ନିୟନ୍ତ୍ରିତ ବସ୍‌ଗୁଡ଼ିକ ଆଗାମୀ ଦିନରେ ଗଡ଼ିବ ନା ନାହିଁ ତାହା ଏବେ ସନ୍ଦେହ ଘେରରେ। କେଉଁ ରୁଟରେ ଏହି ବସ୍ ସବୁ ଗଡିବ ତାହା ମଧ୍ୟ ନିର୍ଦ୍ଧାରଣ ହୋଇନାହିଁ। କାଶୀପୁର , ଗୁଡ଼ାରୀ ବ୍ଲକକୁ ଯାଉଥିବା ବସ୍ ନିୟମିତ ସେବା ପ୍ରଦାନ କରୁ ନ ଥିବା ବାରମ୍ବାର ଅଭିଯୋଗ ହେଉଛି। ଏ ସମ୍ପର୍କରେ ଲକ୍ଷ୍ମୀ ବସ୍ ମ୍ୟାନେଜର ସୌମ୍ୟ ମିଶ୍ରଙ୍କୁ ପଚାରିବାରୁ ରୁଟ୍ ପରମିଟ୍ ପାଇଁ ଆବେଦନ ହୋଇଛି। ପରମିଟ୍ ମିଳିଲେ ଜିଲା ଭିତରେ ୧୧ଟି ବସ୍ ଚଳାଚଳ କରିବ ବୋଲି କହିଛନ୍ତି।

## ଜନଜାତି ହିତାଧିକାରୀଙ୍କୁ ମାଛଚାଷ ପ୍ରଶିକ୍ଷଣ



ତାଲିମ କାର୍ଯ୍ୟକ୍ରମରେ ଉପସ୍ଥିତ ବୈଜ୍ଞାନିକ ଏବଂ ଅଧିକାରୀ।

**ବିଷମକଟକ,୨୭।୯(ପ୍ରସନ୍ନ କୁମାର ପଣ୍ଡା)**

ବିଷମକଟକ ବ୍ଲକ୍‌ରେ ବାସକରୁଥିବା ଅନୁନ୍ନତ ଜନଜାତି ଡଙ୍ଗରିଆ କନ୍ଧ ଓ ହିତାଧିକାରୀଙ୍କୁ ଏକକ ମାଛଚାଷ ସମ୍ବନ୍ଧୀୟ ପ୍ରଶିକ୍ଷଣ, ପ୍ରଦର୍ଶନ ଓ ସାମଗ୍ରୀ ବଣ୍ଟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଚାଟିକୋଣାସ୍ଥିତ ଓପେଲିପି, ଡଙ୍ଗରିଆ କନ୍ଧ ଉନ୍ନୟନ ସଂସ୍ଥା ସହଯୋଗରେ ଆଇସିଏଆର-କେନ୍ଦ୍ରୀୟ ମଧୁରଜଳ କୃଷି ଗବେଷଣା ପ୍ରତିଷ୍ଠାନ ସହାୟତାରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପ୍ରମୁଖ ବୈଜ୍ଞାନିକ ଡ. ସୁଧାଂଶୁ ଶେଖର ମିଶ୍ରଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ଡିକେଡିଏର ସ୍ୱତନ୍ତ୍ର ଅଧିକାରୀ ଜଗବନ୍ଧୁ ମେହେର, ବୈଜ୍ଞାନିକ ଉଦୟ କୁମାର ଉଦିତ, ଦୁର୍ଗାପ୍ରସାଦ ରଥ ପ୍ରମୁଖ ଯୋଗଦେଇ ସ୍ୱୟଂସହାୟକ ଗୋଷ୍ଠୀ ସଭ୍ୟାଙ୍କୁ ମାଛଚାଷ ଓ ଦାନା ପ୍ରସ୍ତୁତି ପ୍ରଣାଳୀ ସମ୍ବନ୍ଧୀୟ ପ୍ରଶିକ୍ଷଣ ଦେଇଥିଲେ। ୭ଟି ସ୍ୱୟଂ ସହାୟକ ଗୋଷ୍ଠୀକୁ ୨ଟି ପମ୍ପ, ୭ଟି ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ ମାଛ ଦାନା ପ୍ରସ୍ତୁତ କଳ, ୧୧ ସ୍ୱୟଂ ସହାୟକ ଗୋଷ୍ଠୀକୁ ୩୦୦୦ ବତକ ଯାଆଁଳା, ୭୦ ଜଣ ମହିଳାଙ୍କୁ ସୌର ଲଣ୍ଠନ, କୁକୁଡ଼ା ଦାନା, ମାଛ ଦାନା, ମାଛ ଜାଲ ପ୍ରଭୃତି ବଣ୍ଟନ କରାଯାଇଥିଲା। ସମସ୍ତ କାର୍ଯ୍ୟକ୍ରମକୁ ପ୍ରକଳ୍ପ ପରିଚାଳକ ସୁଦର୍ଶନ ପାଢ଼ୀ ପରିଚାଳନା କରିଥିଲେ।

## ୧ ଲକ୍ଷ ୧୧ ହଜାରରେ ଗଣେଶଙ୍କ ଲଡୁ ନିଲାମ

**ରାୟଗଡା,୨୭।୯ (ଆଶିଷ ରଞ୍ଜନ ପଣ୍ଡା)**

ରାୟଗଡ଼ା ବୁଦ୍ରାୱାଲସା ୟୁଥ୍ ବଏଜ୍ କ୍ଲବ ପକ୍ଷରୁ ଆୟୋଜିତ ଗଣେଶ ପୂଜା ଲଡୁ ଶୁକ୍ରବାର ରାତିରେ ନିଲାମ ହୋଇଛି।



ଶ୍ରଦ୍ଧାଳୁ ନିଲାମ ଲଡୁ ମୁଣ୍ଡରେ ଧରିଛନ୍ତି।

୧୧୧ କିଲୋଗ୍ରାମ ଓଜନ ବିଶିଷ୍ଟ ଏହି ଲଡୁକୁ ସ୍ଥାନୀୟ ରେଡି ଶଙ୍କର ନାମକ ଜଣେ ଶ୍ରଦ୍ଧାଳୁ ୧ ଲକ୍ଷ ୧୧ ହଜାର ଟଙ୍କାରେ ନେଇଥିଲେ। ଗତ ୨୦୧୭ ମସିହାରୁ ଏଠାରେ ଗଣେଶ ପୂଜା ପାଳିତ ହୋଇଆସୁଛି। ପ୍ରଥମ ବର୍ଷର ଲଡୁ ୨୧୦୦୦ ଟଙ୍କାରେ ନିଲାମ ହୋଇଥିଲା।

## ୧୦ ଦଫା ଦାବି ନେଇ ନର୍ସିଂ ସଂଘର ଧର୍ମଘଟ



ସଂଘ ପକ୍ଷରୁ ଉପଖଣ୍ଡ ଚିକିତ୍ସାଳୟ ସମ୍ମୁଖରେ ଧାରଣା ଦିଆଯାଇଛି।

**ଗୁଣପୁର,୨୭।୯(ପ୍ରଦୀପ କୁମାର ପାଢ଼ୀ)**

ଓଡିଶା ନର୍ସିଂ ସଂଘ ପକ୍ଷରୁ ଦିଆଯାଇଥିବା ଡାକରାକ୍ରମେ ଗୁଣପୁରଠାରେ ସଂଘ ପକ୍ଷରୁ ଶୁକ୍ରବାର ଧର୍ମଘଟ ଆରମ୍ଭ ହୋଇଛି। ଏହି ଅବସରରେ ନର୍ସିଂ ଅଫିସରମାନେ ଉପଖଣ୍ଡ ସ୍ୱାସ୍ଥ୍ୟକେନ୍ଦ୍ରର ସୁପରିଣ୍ଟେଣ୍ଡେଣ୍ଟ ଡ. ରମେଶ ଚନ୍ଦ୍ର ସାହୁଙ୍କୁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ୨୬ ତାରିଖ ଭିତରେ ସେମାନଙ୍କ ଦାବି ପୂରଣ ନହେଲେ ସ୍ୱାସ୍ଥ୍ୟକେନ୍ଦ୍ରରେ ତାଲା ଝୁଲିବ ବୋଲି ସେମାନେ ଚେତାବନୀ ଦେଇଛନ୍ତି।

୧୦ ଦଫା ଦାବିପତ୍ରରେ ୨୦୧୩ ପୂର୍ବରୁ ଥିବା ୬ ବର୍ଷର ଚୁକ୍ତିଭିତ୍ତିକ ଅବଧିକୁ ମୂଳ ଚାକିରିରେ ମିଶାଇବା, ପଦନ୍ନୋତି ପାଇଁ ସ୍ଥିରିକୃତ ସମୟ ସୀମାକୁ କୋହଳ କରିବା, ନର୍ସିଂ ଅଫିସରମାନଙ୍କୁ ସିଏଚଓ ପୋଷ୍ଟରୁ ଫେରାଇ ଆଣିବା, ସିଏଚଓ ପୋଷ୍ଟରେ ନର୍ସିଂ ଅଫିସରଙ୍କ ପ୍ରତି ହେଉଥିବା ଅତ୍ୟାଚାର ବନ୍ଦ କରିବା, ଅବଶିଷ୍ଟ ନର୍ସିଂ ଅଫିସରଙ୍କୁ ତୁରନ୍ତ ନିୟମିତ କରିବା, ରେଜନାଲ ସ୍ପାଇନାଲ ଇନଜ୍ୟୁରି ସେଣ୍ଟର କଟକରେ ଥିବା ନର୍ସିଂ ଅଫିସରଙ୍କୁ ତୁରନ୍ତ ନିୟମିତ କରିବା, ଆରବିଏସ୍‌କେ ଅଧୀନର ନର୍ସିଂ ଅଫିସରଙ୍କୁ ନିୟମିତ କରିବା, ନର୍ସିଂ କ୍ୟାଡରରେ ଆଉଟସୋର୍ସିଂ ପ୍ରଥା ଉଚ୍ଛେଦ, ପ୍ରସ୍ତାବିତ ଡ୍ରେସ କୋଡ ଲାଗୁ କରିବା, କେବିକେ ଆଲାଉନ୍ସ ପ୍ରଦାନ, କ୍ଷତିପୂରକ ଛୁଟି ପ୍ରଦାନ ଆଦି ଦାବି କରାଯାଇଛି। ସୂଚନାଯୋଗ୍ୟ, ଗତ ଅଗଷ୍ଟ ୨୧ରେ ସଂଘ ପକ୍ଷରୁ ରାଜ୍ୟବ୍ୟାପି ପ୍ରତିକାତ୍ମକ ଆନ୍ଦୋଳନ କରାଯାଇଥିଲା। ସେତେବେଳେ ସରକାର ସେମାନଙ୍କ ଦାବି ପ୍ରତି ଦୃଷ୍ଟି ଦେବେ ବୋଲି କହିଥିଲେ। ହେଲେ ସେମାନଙ୍କ ଦାବି ପୂରଣ ହୋଇ ନ ଥିବାରୁ ପୁଣି ଥରେ ସେମାନେ ଆନ୍ଦୋଳନକୁ ଓହ୍ଲାଇଥିବା ସଂଘ ପକ୍ଷରୁ କୁହାଯାଇଛି। ଦାବି ପୂରଣ ନ ହେବା ପର୍ଯ୍ୟନ୍ତ ଆନ୍ଦୋଳନ ଜାରି ରହିବ ବୋଲି ସଂଘ ପକ୍ଷରୁ ଚେତାବନୀ ଦିଆଯାଇଛି। ତେବେ ନର୍ସିଂ ଅଫିସରଙ୍କ କାର୍ଯ୍ୟ ବନ୍ଦ ଆନ୍ଦୋଳନ ଯୋଗୁ ରୋଗୀ ସେବା ବାଧାପ୍ରାପ୍ତ ହୋଇଛି।

## ଲାଏନ୍ସ କ୍ଲବ ପକ୍ଷରୁ ସ୍ୱାସ୍ଥ୍ୟସେବା ଶିବିର



ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି।

**ଗୁଣପୁର,୨୭।୯(ପ୍ରଦୀପ କୁମାର ପାଢ଼ୀ)**

ଗୁଣପୁର ବଂଶଧାରା ଲାଏନ୍ସ କ୍ଲବ ଓ ଶ୍ରୀକାକୁଲମର ଏକ ଘରୋଇ ହସ୍ପିଟାଲର ମିଳିତ ଆନୁକୂଲ୍ୟରେ ମାଗଣା ମେଗା ସ୍ୱାସ୍ଥ୍ୟସେବା ଶିବିର ଶୁକ୍ରବାର ସ୍ଥାନୀୟ ଭେଙ୍କେଟେଶ୍ୱର କଲ୍ୟାଣ ମଣ୍ଡପଠାରେ ଅନୁଷ୍ଠିତ ହୋଇଛି। ବିଧାୟକ ସତ୍ୟଜିତ ଗମାଙ୍ଗ , ପୌର ପରିଷଦ ଅଧ୍ୟକ୍ଷା ମମତା ଗୌଡ଼, ଉପାଧ୍ୟକ୍ଷ ଶିବ ପ୍ରସାଦ ଗୌଡ଼ ଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମ ଉଦ୍‌ଘାଟନ କରିଥିଲେ। ସ୍ୱାସ୍ଥ୍ୟ ସେବା ଶିବିର ପ୍ରକଳ୍ପ ଅଧ୍ୟକ୍ଷ ପ୍ରସନ୍ନ କୁମାର ମିଶ୍ରଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଶିବିରରେ ଗୁଣପୁର ଲାଏନ୍ସ କ୍ଲବ ସଭାପତି ନରେନ୍ଦ୍ର କୁମାର ସାହୁଙ୍କ ଅଧ୍ୟକ୍ଷତାରେ ଏକ ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ସମ୍ପାଦକ ଲାଡ଼ି ସୁରେଶ, ବରିଷ୍ଠ ସଦସ୍ୟ ବିଷ୍ଣୁ ଚରଣ ପଟ୍ଟନାୟକ, ଆଇନଜୀବୀ ଉମା ଚରଣ ପଟ୍ଟନାୟକ ମଞ୍ଚାସୀନ ଥିଲେ। ୩ଜଣ ବିଶେଷଜ୍ଞ ଡାକ୍ତର ମୁରଲୀ କ୍ରିଷ୍ଣା, ଡ଼ା. ପି ଅନିରୁଦ୍ଧ କୁମାର, ଡ଼ା. ଅଲ୍ଲା ଭାଗ୍ୟରାଜ ଉପସ୍ଥିତ ରହି ରୋଗୀଙ୍କ ଚିକିତ୍ସା କରିବା ସହ ମାଗଣାରେ ଅତ୍ୟାଧୁନିକ ମେସିନ ଦ୍ୱାରା ଇସିଜି ଓ ଇକୋ , ବ୍ଲଡ ସୁଗାର୍ ପରୀକ୍ଷା କରାଯାଇ ଔଷଧ ପ୍ରଦାନ କରାଯାଇଥିଲା ବୋଲି କ୍ଲବର ଉପ ସଭାପତି ଏସ୍ ବାବା ପ୍ରସାଦ କହିଛନ୍ତି। ପ୍ରକଳ୍ପ ଅଧ୍ୟକ୍ଷ ପ୍ରସନ୍ନ କୁମାର ମିଶ୍ରଙ୍କ ନେତୃତ୍ୱରେ ଏଲ ଶେଷଗିରି ରାଓ,ମହେଶ କୁମାର ପାଢ଼ୀ, ଲାଡି ଗୋପାଳ, ଏସସୁମନ, ସିମାଦ୍ରି କ୍ରୀଷ୍ଣା, ସୀମାଦ୍ରି ଉଦୟ କିରଣ, ସୁବୁଦ୍ଧି ଅନିଲ କୁମାର, ଲାଡୀ ନରସିଂହ ରାଓ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## କ୍ଲଷ୍ଟରସ୍ତରୀୟ ସୁରଭି କାର୍ଯ୍ୟକ୍ରମ



ଛାତ୍ରୀମାନେ ସାଂସ୍କୃତି କାର୍ଯ୍ୟକ୍ରମ ପରିବେଷଣ କରୁଛନ୍ତି।

**ଚନ୍ଦ୍ରପୁର,୨୭।୯ (ବିଜୟ ପ୍ରସାଦ ଉଲାକା)**

ଚନ୍ଦ୍ରପୁର ବ୍ଲକର ଡାଙ୍ଗସୋରଡ଼ା ସଦର ମହକୁମାରେ ଥିବା ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ଶୁକ୍ରବାର କ୍ଲଷ୍ଟରସ୍ତରୀୟ ଶିଶୁ ମହୋତ୍ସବ ସୁରଭି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଚନ୍ଦ୍ରପୁର ବ୍ଲକ ଗୋଷ୍ଠୀ ଶିକ୍ଷାଧିକାରୀ ଗଣେଶ ଶବର ମୁଖ୍ୟ ଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମ ଉଦ୍‌ଘାଟନ କରିଥିଲେ। ଏଥିରେ ବିଭିନ୍ନ ବିଦ୍ୟାଳୟର ୪୪ ଜଣ ଛାତ୍ରୀଛାତ୍ର ପ୍ରବନ୍ଧ, ବକ୍ତୃତା, ସାଧାରଣ ଜ୍ଞାନ, ହସ୍ତାକ୍ଷର, ସଙ୍ଗୀତ, ନୃତ୍ୟ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ। କୃତୀ ପ୍ରତିଯୋଗୀଙ୍କୁ ପ୍ରମାଣପତ୍ର ସହ ବିଭିନ୍ନ ଶିକ୍ଷା ସାମଗ୍ରୀ ପ୍ରଦାନ କରଯାଇଥିଲା। ଯେଉଁମାନେ ପ୍ରଥମ ସ୍ଥାନ ଅଧିକାର କରିଛନ୍ତି ସେମାନେ ବ୍ଲକସ୍ତରୀୟ ସୁରଭି କାର୍ଯ୍ୟକ୍ରମ ପାଇଁ ମନୋନୀତ ହୋଇଥିବା ମୁଖ୍ୟ ଅତିଥି ଶବର ସୂଚନା ଦେଇଥିଲେ। ସମ୍ମାନିତ ଅତିଥି ଭାବେ ଏବିଇଓ ଉମାକାନ୍ତ ମିଶାଲ, ସିଆରସିସି, ଜୟରାମ କରକାରିଆ, ପ୍ରଧାନ ଶିକ୍ଷୟିତ୍ରୀ ବିଜୟ ଲକ୍ଷ୍ମୀ ଶବର, ଶିକ୍ଷକ ନିରଞ୍ଜନ ପ୍ରଧାନ, ସସ୍ମିତା କିମାକା, କୈଳାସ ଶବର, ସାମାଜିକ କର୍ମୀ ବିଜୟ ଉଲାକାଙ୍କ ସମେତ ବିଭିନ୍ନ ବିଦ୍ୟାଳୟର ଶିକ୍ଷକମାନେ ଉପସ୍ଥିତ ଥିଲେ। କାର୍ଯ୍ୟକମକୁ ଶିକ୍ଷକ କୈଳାସ ଶବର ସଂଯୋଜନା କରିଥିଲେ।ଶେଷରେ ଛାତ୍ରୀଙ୍କ ଦ୍ୱାରା ସାଂସ୍କୃତି କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।

## ଜାତୀୟସ୍ତରୀୟ ପ୍ରତିଯୋଗିତାରେ ମହିଳା ଆଇନଜୀବୀଙ୍କ କୃତିତ୍ୱ

**ରାୟଗଡା, ୨୭।୯ (ଭାଗ୍ୟଶ୍ରୀ ମିଶ୍ର)**

ଅଲ ଇଣ୍ଡିଆ ଫେଡେରେସନ ଫର ୱିମେନ ଲଏର୍ସର ଜାତୀୟସ୍ତରୀୟ ପ୍ରିଯୋଗିତାରେ ଶୁକ୍ରବାର ରାୟଗଡା ମହିଳା ଆଇନଜୀମାନେ ଭାଗ ନେଇ କୃତିତ୍ୱ ହାସଲ କରିଛନ୍ତି। କର୍ଣ୍ଣାଟକର ବାଙ୍ଗାଲୁରୁ ସହରରେ ୩ଦିନ ଧରି ଚାଲିଥିବା ଜାତୀୟସ୍ତରୀୟ ପ୍ରତିଯୋଗିତାରେ ଅଂଶ ଗ୍ରହଣ କରିବା ପାଇଁ ଅଲ ଇଣ୍ଡିଆ ଫେଡେରେସନ ଫର ୱିମେନ ଲଏର୍ସର ରାୟଗଡା ଶାଖା



କୃତିତ୍ୱ ହାସଲ କରିଥିବା ରାୟଗଡ଼ା ମହିଳା ଓକିଲ ଦଳ।

ତରଫରୁ ପ୍ରଣତି ପାତ୍ର, ପଦ୍ମାଳୟା ମିଶ୍ର , ଶୁଭ୍ରା ପଣ୍ଡା, ନିର୍ମଳା ରାଜୁ , ପ୍ରମୋଦିନି ମହାପାତ୍ର ଓ ଦମୟନ୍ତୀ ମହାନନ୍ଦିଆ ଯୋଗଦେଇଥିଲେ। ପ୍ରତିଯୋଗିତାରେ ପ୍ରଥମ ଦିନରେ ରାୟଗଡାର ମହିଳା ଆଇନଜୀବୀ ପ୍ରମୋଦନି ମହାପାତ୍ର ୧୦୦ ମିଟର ଦୌଡ ପ୍ରତିଯୋଗିତାରେ ପ୍ରଥମ ସ୍ଥାନ ଅଧିକାର କରିଛନ୍ତି। ସେହିଭଳି ସାମୂହିକ ନୃତ୍ୟ ପ୍ରତିଯୋଗିତାରେ ରାୟଗଡା ଦଳ ମଧ୍ୟ ପ୍ରଥମ ସ୍ଥାନ ଅଧିକାର କରି କୃତିତ୍ୱ ହାସଲ କରିଛନ୍ତି। ଜାତୀୟସ୍ତରୀୟ ଏହି କନଫରେନ୍ସ ଓ ପ୍ରତିଯୋଗିତାରେ ଦେଶର ୨୦ଟି ରାଜ୍ୟରୁ ପ୍ରାୟ ୩ ହଜାରରୁ ଅଧିକ ମହିଳା ଓକିଲ ଅଂଶଗ୍ରହଣ କରିଛନ୍ତି। କନଫେରେନ୍ସରେ ସୁପ୍ରିମ କୋର୍ଟ ଜଷ୍ଟିସ ଅରବିନ୍ଦ କୁମାର, ଜଷ୍ଟିସ ବେଲା ତ୍ରିବେଦି ଓ ଜଷ୍ଟିସ ସନ୍ତୋଷ ହେଗଡେ ଓ କେନ୍ଦ୍ର ଆଇନ ମନ୍ତ୍ରୀ ଅର୍ଜୁନ ରାମ ମେଘୱାଲ ପ୍ରମୁଖ ଯୋଗଦେଇଥିଲେ। ଏହା ପରେ କୃତି ପ୍ରତିଯୋଗୀଙ୍କ ପାଇଁ ରାୟଗଡାରେ ଶୁଭେଚ୍ଛାର ସୁଅ ଛୁଟିଛି।



ରାୟଗଡ଼ା ନ୍ୟୁ କଲୋନିସ୍ଥିତ ମା’ ଗଜଲକ୍ଷ୍ମୀ ପୂଜା କମିଟି ପକ୍ଷରୁ ଗଜଲକ୍ଷ୍ମୀ ପୂଜା ପାଇଁ ଶୁଭ ଖୁଣ୍ଟି ସ୍ଥାପନ କରାଯାଉଛି। (ଫଟୋ-ଆଶିଷ ରଞ୍ଜନ ପଣ୍ଡା)

## ହିନ୍ଦୀ ଆମକୁ ଏକତା ସୂତ୍ରରେ ବାନ୍ଧି ରଖିଛି

**ରାୟଗଡ଼ା,୨୭।୯(ଆଶିଷ ରଞ୍ଜନ ପଣ୍ଡା)**

ରାୟଗଡ଼ା ସ୍ୱୟଂଶାସିତ ମହାବିଦ୍ୟାଳୟରେ ଗୁରୁବାର ହିନ୍ଦୀ ଦିବସ କାର୍ଯ୍ୟକ୍ରମ ଉଦ୍‌ଯାପିତ ହୋଇଯାଇଛି। ସମାପନ ସମାରୋହରେ ରାୟଗଡା ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ନିହାର ରଞ୍ଜନ କହଁର ମୁଖ୍ୟବକ୍ତା ରୂପେ ଯୋଗଦେଇ ବର୍ତ୍ତମାନ ସମୟରେ ହିନ୍ଦୀର ଉପଯୋଗିତା ବିଷୟରେ ଆଲୋଚନା କରିବା ସହ ବିଭିନ୍ନ ହିନ୍ଦୀ କବିଙ୍କ ସୁନ୍ଦର କବିତା ପାଠ କରିଥିଲେ। ଭାରପ୍ରାପ୍ତ ଅଧ୍ୟକ୍ଷ ଏ. ଶ୍ରୀନିବାସ ରାଷ୍ଟ୍ରଭାଷା ହିନ୍ଦୀ ଆମକୁ ଏକତା ସୂତ୍ରରେ ବାନ୍ଧି ରଖିଛି ବୋଲି କହିଥିଲେ। ବିଭାଗୀୟ ମୁଖ୍ୟ ଡ. ଭଗବାନ ବିଶ୍ୱାଳ ରାଜଭାଷା ଏବଂ ରାଷ୍ଟ୍ରଭାଷା ରୂପେ ହିନ୍ଦୀର ସାମ୍ବିଧାନିକ ମହତ୍ତ୍ୱ ବିଷୟରେ ସୂଚନା ଦେଇଥିଲେ। ଅଧାପକ ଅମିତ କୁମାର ସାହୁ ଅତିଥିଙ୍କ ପରିଚୟ ପ୍ରଦାନ କରିଥିଲେ। ଅଧାପିକା ଅର୍ଚ୍ଚନା ପଟ୍ଟନାୟକ ଧନ୍ୟବାଦ ଅର୍ପଣ କରିଥିଲେ।

## ୩ ଦିନ ହେଲା ଡାଙ୍ଗସୋରଡ଼ାରେ ବିଦ୍ୟୁତ୍ ବିଭ୍ରାଟ

**ଚନ୍ଦ୍ରପୁର,୨୭।୯ (ବିଜୟ ପ୍ରସାଦ ଉଲାକା)**

ରାୟଗଡା ଜିଲା ଚନ୍ଦ୍ରପୁର ବ୍ଲକର ଡାଙ୍ଗସୋରଡ଼ା ଗ୍ରାମରେ ଆଜକୁ ୩ଦିନ ହେଲାଣି ବିଦ୍ୟୁତ୍ ବିଭ୍ରାଟ ଯୋଗୁ ଲୋକେ ନାହିଁ ନ ଥିବା ହଇରାଣ ହେଉଛନ୍ତି। ଗତ ୩ ଦିନ ହେଲାଣି ସକାଳ ୯ରୁ ଅପରାହ୍ନ ୬ଟା ପର୍ଯ୍ୟନ୍ତ ବିଦ୍ୟୁତ ଆଲୁଅର ଦେଖା ନାହିଁ। ଫଳରେ ଭୀଷଣ ଗରମ ସହ ସ୍ଥାନୀୟ ଉତ୍କଳ ଗ୍ରାମ୍ୟ ବ୍ୟାଙ୍କରେ କାମ ବାଧାପ୍ରାପ୍ତ ହେଉଥିବା ଅଭିଯୋଗ ହେଉଛି।

## ବିବେକାନନ୍ଦ ଶିକ୍ଷାକେନ୍ଦ୍ରରେ ବିଜ୍ଞାନମେଳା

**ମୁନିଗୁଡ଼ା,୨୭।୯ (ନନ୍ଦକିଶୋର ପଟ୍ଟନାୟକ)**

ମୁନିଗୁଡ଼ାର ବିବେକାନନ୍ଦ ଶିକ୍ଷାକେନ୍ଦ୍ରରେ ବିଜ୍ଞାନମେଳା ଅନୁଷ୍ଠିତ ହୋଇଯାଇଛି। ଶିକ୍ଷା କେନ୍ଦ୍ରର ପ୍ରଧାନ ଶିକ୍ଷକ ମାତୃପ୍ରସାଦ ଦାସ ଓ ଗୁରୁଜୀ ହରେନ୍ଦ୍ର ଜେନାଙ୍କ ମିଳିତ ସଂଯୋଜନାରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଅତିଥି ଭାବେ ସ୍ତମ୍ଭକାର ମନୋରଞ୍ଜନ ଦଳାଇ, ରାଇଜିଂ କଲେଜର ଅଧାପିକା ଲିପ୍ସା ଦାସ, ଶିକ୍ଷାକେନ୍ଦ୍ରର ସଭାପତି କେଶବ ସାହୁକାର, ସମ୍ପାଦକ ରାଜେନ୍ଦ୍ର ସାହୁ ପ୍ରମୁଖ ଯୋଗଦେଇ ବିଜ୍ଞାନମେଳାକୁ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ବିଭିନ୍ନ ପ୍ରକାର ଫଳ, ଶସ୍ୟ ଜାତୀୟ ଡାଲି, ପନିପରିବା, ବର୍ଜ୍ୟବସ୍ତୁରୁ ନୂତନ ପ୍ରସ୍ତୁତି, ଦୁର୍ଗମ ଅଞ୍ଚଳରେ ଯାତାୟାତର ବ୍ୟବସ୍ଥା, ତନ୍ତୁ ଓ ବସ୍ତ୍ର ଉତ୍ପାଦନ, ବାୟୁ ଓ ଜଳ ପ୍ରଦୂଷଣ, ଆଲୋକ ଓ ଏହାର ପ୍ରୟୋଗ ଉପରେ ମୋଟ ୪୯ଟି ପ୍ରକଳ୍ପ ପ୍ରଦର୍ଶିତ ହୋଇଥିଲା। ବିଚାରକ ମଣ୍ଡଳୀ ଭାବେ ସ୍ଥାନୀୟ ରାଇଜିଂ ବିଜ୍ଞାନ ମହାବିଦ୍ୟାଳୟର ଅଧାପିକା ଲିପ୍ସାରାଣୀ ଦାସ ଯୋଗଦେଇ ୮ମ ଶ୍ରେଣୀର ସୌଭାଗ୍ୟ ସାସମଲ, ସନ୍ତୋଷ ପଣ୍ଡା, ୭ମ କୌଶିକ ସାହୁକାର, ୬ଷ୍ଠଶ୍ରେଣୀର ସୁଲଗ୍ନା ସାବତ, ପଞ୍ଚମ ଶ୍ରେଣୀର ସାଗର ଶତପଥୀ, ୪ର୍ଥ ଶ୍ରେଣୀର ତୁଷାର ପାଢ଼ୀ, ୩ୟ ଶ୍ରେଣୀର ଜ୍ଞାନଲିପି ସ୍ୱାଇଁ, ଦ୍ୱିତୀୟ ଶ୍ରେଣୀର ଭକ୍ତି ସୁମେଧା ଓ ପ୍ରଥମ ଶ୍ରେଣୀର ଆରାଧ୍ୟା ଗୌଡ଼ ପ୍ରମୁଖଙ୍କ ପ୍ରକଳ୍ପକୁ ଚୟନ କରାଯାଇଥିଲା। କୃତୀ ଛାତ୍ରୀଛାତ୍ରଙ୍କୁ ଆସନ୍ତା ଅକ୍ଟୋବର ୨ ଗାନ୍ଧୀ ଜୟନ୍ତୀରେ ପୁରସ୍କୃତ କରାଯିବ ବୋଲି ଜଣାପଡିଛି। ଉକ୍ତ ବିଜ୍ଞାନ ମେଳାକୁ ବିବେକାନନ୍ଦ ଶିକ୍ଷାକେନ୍ଦ୍ରର ଗୁରୁଜୀ ଅମରେନ୍ଦ୍ର ସ୍ୱାଇଁ, ଗୁରୁମା ସଂଯୁକ୍ତାବାଳା ରଥ, ସନ୍ତୋଷୀ ଗୌଡ଼, ସଂଯୁକ୍ତା ମହାରଣା, ମମତା ମହାପାତ୍ର, ବସୁମତୀ ବେହେରା, ସୁମିତା ରାଉତ, ରାନୁ ରାଣୀ ପ୍ରଧାନ, ଲିଲି ଆଚାରୀ, ରାଜେଶ୍ୱରୀ ବେହେରା, ସୁନିତା ସାସମଲ, ଜୋଶ୍ମିତା ପଣ୍ଡା,ଗୋଲାପି ପୂଜାରୀ ପ୍ରମୁଖ ପରିଚାଳନା ଓ ସହଯୋଗ କରିଥିଲେ।



ଛାତ୍ରୀଛାତ୍ରଙ୍କ ଦ୍ୱାରା ପ୍ରସ୍ତୁତ ବିଜ୍ଞାନ ପ୍ରଦର୍ଶନୀକୁ ଅତିଥି ବୁଲି ଦେଖୁଛନ୍ତି।

## ଚାଷୀଙ୍କ ପାଇଁ ଥିବା ଋଣ ବ୍ୟବସ୍ଥା, ବୀମା ସମ୍ପର୍କରେ ଆଲୋଚନା

**ଆକାଂକ୍ଷୀ ବ୍ଲକ୍ ପ୍ରୋଗ୍ରାମ ସମ୍ପୂର୍ଣ୍ଣତା ଅଭିଯାନ କାର୍ଯ୍ୟକ୍ରମ**

**ମୁନିଗୁଡ଼ା,୨୭।୯ (ନନ୍ଦ କିଶୋର ପଟ୍ଟନାୟକ)**

ମୁନିଗୁଡ଼ା ବ୍ଲକ୍ ତେଲେଙ୍ଗାପଦର ଗ୍ରାମ ପଞ୍ଚାୟତର କାର୍ଯ୍ୟାଳୟ ପରିସରରେ କେନ୍ଦ୍ର ସରକାରଙ୍କ ଦ୍ୱାରା ପରିଚାଳିତ ଆକାଂକ୍ଷୀ ବ୍ଲକ୍ ପ୍ରୋଗ୍ରାମ ସମ୍ପୂର୍ଣ୍ଣତା ଅଭିଯାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସରପଞ୍ଚ ଉପେନ୍ଦ୍ର ସିକ୍‌କାଙ୍କ ସଭାପତିତ୍ୱରେ ଓ କୃଷି ବିଭାଗର ସହକାରୀ ବୈଷୟିକ ପରିଚାଳକ ଉତ୍ତମ କୁମାର ଦାସଙ୍କ ମିଳିତ ସଂଯୋଜନାରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଅତିଥିଭାବେ ମୁନିଗୁଡ଼ା ବିଡିଓ ପ୍ରୀତମ କୁମାର ତନ୍ତୀ, କାର୍ଯ୍ୟକ୍ରମର ସଂଯୋଜକ ମାନସ କୁମାର ନାୟକ, ଭାରତୀୟ ଷ୍ଟେଟ ବ୍ୟାଙ୍କ ମୁନିଗୁଡା ଶାଖାର ମୁଖ୍ୟ ପରିଚାଳନା କାହ୍ନୁ ଚରଣ ସାହୁ, ଗୋଷ୍ଠୀ କୃଷି ଅଧିକାରୀ ଯଜ୍ଞଦତ୍ତ ସେଠୀ ଓ ସହକାରୀ କୃଷି ଅଧିକାରୀ ଦୀପ୍ତିରାଣୀ ପଟ୍ଟନାୟକ ପ୍ରମୁଖ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ଏହି





ଆକାଂକ୍ଷୀ ପ୍ରୋଗ୍ରାମ ସମ୍ପୂର୍ଣ୍ଣତା ଅଭିଯାନ କାର୍ଯ୍ୟକ୍ରମରେ ଉପସ୍ଥିତ ଅଧିକାରୀ ଓ ଚାଷୀ।

ଯୋଜନା ଜୁଲାଇ ୪ରୁ ସେପ୍ଟେମ୍ବର ୩୦ ପର୍ଯ୍ୟନ୍ତ ୩ ମାସ ଏହି କ୍ୟାମ୍ପେନ ଚାଲୁ ରହିବ ବୋଲି ଅତିଥିମାନେ କହିଥିଲେ। ବ୍ୟାଙ୍କ ମାଧ୍ୟମରେ ଚାଷୀଙ୍କ ପାଇଁ ବିଭିନ୍ନ ଋଣ ବ୍ୟବସ୍ଥା ଓ ବୀମା ସହ ଅନ୍ୟାନ୍ୟ ସ୍କିମ ବିଷୟରେ ଆଲୋଚନା କରିଥିଲେ। ଏହି ଯୋଜନା ଅନ୍ତର୍ଗତ କୃଷି ବିଭାଗ ତରଫରୁ ବିଭିନ୍ନ ଯୋଜନା ସ୍ୱାସ୍ଥ୍ୟ କାର୍ଡ, ସିଏମ୍ କିଷାନ ନିଧି ,ପିଏମ୍ କିଷାନ ନିଧି ଯୋଜନା,ରୋଗ ପୋକ ପରିଚାଳନା ଇତ୍ୟାଦି ଉପରେ ଗୁରୁତ୍ୱାରୋପ କରିଥିଲେ। ଏହି ଯୋଜନା ଦେଶରେ ୨୦୨୩-୨୪ ଆର୍ଥିକ ବର୍ଷରେ ୧୧୨ଟି ଜିଲାରେ ୫୦୦ଟି ବ୍ଲକ୍‌ରେ କାର୍ଯ୍ୟକାରୀ ହୋଇଆସୁଛି। ବିଶେଷକରି ଶିକ୍ଷା, ସ୍ୱାସ୍ଥ୍ୟ, କୃଷି, ସ୍ୱଚ୍ଛ ପାନୀୟଜଳ, ବାସଗୃହ ଏବଂ ଲୋକଙ୍କ ଆର୍ଥିକ ସ୍ୱାବଲମ୍ବୀ ଉପରେ ଗୁରୁତ୍ୱ ଦେଇ ଆସୁଛି ବୋଲି ସୂଚନା ଦେଇଥିଲେ। ଏହି ଅବସରରେ ଅତିଥିମାନେ ବ୍ଲକ୍‌ର କୁମୁଡ଼ାବାଲି ଓ ତେଲେଙ୍ଗାପଦର ଗ୍ରାମପଞ୍ଚାୟତର ୫୦ରୁ ଉର୍ଦ୍ଧ୍ୱ ମହିଳା ଓ ପୁରୁଷ ଚାଷୀଙ୍କୁ ସ୍ୱାସ୍ଥ୍ୟ ପରୀକ୍ଷା କାର୍ଡ ଓ ଛାତ୍ରୀଛାତ୍ରଙ୍କୁ ବିଭିନ୍ନ ପୁସ୍ତକ ବଣ୍ଟନ କରିଥିଲେ। କାର୍ଯ୍ୟକ୍ରମରେ ଓଡ଼ିଶା ଜୀବିକା ମିଶନର ଗୋଷ୍ଠୀ ପ୍ରକଳ୍ପ ପରିଚାଳକ କ୍ଷୀରୋଦ ଭୂୟାଁ, କୃଷି ଅଧିଦର୍ଶକ ହିମାଂଶୁ ଭୂଷଣ ମହାନ୍ତି, ପ୍ରକାଶ ଚନ୍ଦ୍ର ବେହେରା, ବିଳାସ ଚନ୍ଦ୍ର ଗାଣ୍ଟା, ରମାକାନ୍ତ ସାରା, ପ୍ରଭାତ ପ୍ରକାଶ ନାଏକ, ଭାସ୍କର ଶବର ପ୍ରମୁଖ ଉପସ୍ଥିତ ପରିଚାଳନା କରିଥିଲେ। ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ଗଦାଧର ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ।

## ସଂକ୍ଷେପରେ

### ଅନ୍ତର୍ଜାତୀୟ ବରିଷ୍ଠ ନାଗରିକ ଦିବସ ପାଳନ ପ୍ରସ୍ତୁତି ବୈଠକ



ମାଲକାନଗିର,୨୭।୯ (ଦୁର୍ଯ୍ୟୋଧନ ପାତ୍ର)

ଆସନ୍ତା ଅକ୍ଟୋବର ୧ରେ ଆନ୍ତର୍ଜାତୀୟ ବରିଷ୍ଠ ନାଗରିକ ଦିବସ ପାଳନ ପାଇଁ ଏକ ପ୍ରସ୍ତୁତି ବୈଠକ ଅତିରିକ୍ତ ଜିଲାପାଳ ବେଦବର ପ୍ରଧାନଙ୍କ ଅଧ୍ୟକ୍ଷତାରେ ସ୍ଥାନୀୟ ଜିଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଜିଲା ସାମାଜିକ ଓ ଭିନ୍ନକ୍ଷମ ସଶକ୍ତିକରଣ ଅଧିକାରୀ ନିର୍ମଳ ଧାରୁଆ, ପୂର୍ବତନ ସାମାଜିକ ଓ ଭିନ୍ନକ୍ଷମ ସଶକ୍ତିକରଣ ଅଧିକାରୀ ପଦ୍ମରଞ୍ଜନ ଦାସ, ସହକାରୀ ସାମାଜିକ ଓ ଭିନ୍ନକ୍ଷମ ସଶକ୍ତିକରଣ ଅଧିକାରୀ ରାଜେଶ ପୂଜାରୀ, ଡାକ୍ତର ଦୁର୍ଗା ପ୍ରସାଦ ରାଜ, କମିଟି ସଦସ୍ୟ ଅଶୋକ କୁମାର ସାମଲ, ଦୁର୍ଯ୍ୟୋଧନ ପାତ୍ର ଅଂଶଗ୍ରହଣ କରି ଏହି ଦିବସରେ କେଉଁ ପ୍ରକାର କାର୍ଯ୍ୟକ୍ରମ ହେବ ସେ ସମ୍ବନ୍ଧରେ ଆଲୋଚନା କରାଯାଇଥିଲା। ସର୍ବସମ୍ମତି କ୍ରମେ ଜିଲାର ୭ଟି ବ୍ଲକ ଏବଂ ମାଲକାନଗିରି ପୌର ପରିଷଦ ବାଲିମେଳା ବିଜ୍ଞାପିତ ଅଞ୍ଚଳ ପରିଷଦରୁ ୧୦୦ ଜଣ ପୁରୁଷ ଏବଂ ମହିଳା ବରିଷ୍ଠ ନାଗରିକ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିବେ। ସେମାନଙ୍କର ପଞ୍ଜୀକରଣ, ମାଗଣା ସ୍ୱାସ୍ଥ୍ୟ ପରୀକ୍ଷା ଓ ଔଷଧ ବିତରଣ, ଚାରାରୋପଣ, ସ୍ୱଚ୍ଛ ଭାରତ ସଫେଇ କାର୍ଯ୍ୟକ୍ରମ, କ୍ରୀଡା ପ୍ରତିଯୋଗିତା ଇତ୍ୟାଦି କରାଯିବା ପାଇଁ ନିଷ୍ପତ୍ତି ହୋଇଥିଲା। ସେହିପରି ଯେଉଁ ବରିଷ୍ଠ ନାଗରିକ ବିଶେ କରି ଜିଲାରେ ସମାଜସେବା, କିମ୍ବା ବିଭିନ୍ନ କାର୍ଯ୍ୟରେ ଲିପ୍ତ ରହି ସୁନାମ ଅର୍ଜନ କରିଛନ୍ତି ସେମାନଙ୍କୁ ସମ୍ମାନୀତ କରାଯିବ ବୋଲି ନିଷ୍ପତ୍ତି ନିଆଯାଇଛି।

### ସ୍ୱଚ୍ଛତା ପକ୍ଷରେ ପଦଯାତ୍ରା



କୋରୁକୋଣ୍ଡା,୨୭।୯(ଶିବଦତ୍ତ ସାହୁ )

ବାଲିମେଳା ଏନ୍ଏସି ସ୍ୱଚ୍ଛତା ପକ୍ଷରେ ଶୁକ୍ରବାର ଏକ ସଚେତନ ପଦଯାତ୍ରା ଅନୁଷ୍ଠିତ ହୋଇଯାଇଛି। ନଗର ଅଧ୍ୟକ୍ଷ ପ୍ରଦୀପ କୁମାର ନାୟକଙ୍କ ଅଧ୍ୟକ୍ଷତାରେ ସ୍ଥାନୀୟ ଟାଉନ ହଲଠାରୁ ଏକ ଶୋଭାଯାତ୍ରା ବାହାରି ସହରର ବିଭିନ୍ନ ୱାର୍ଡରେ ଲୋକଙ୍କୁ ସଚେତନ କରିଥିଲେ। ଯେଉଁମାନେ ନାଳ, ରାସ୍ତା ବନ୍ଦ କରି ଘର କାମ, ଅଳିଆ ଆବର୍ଜନା ପକାଇ ପରିବେଶ ପ୍ରଦୂଷଣ କରୁଛନ୍ତି ସେମାନଙ୍କୁ ସଚେତନ କରିବା ସହ ଆଗାମୀ ଦିନରେ ଏଥିପାଇଁ ଜୋରିମାନା ଆଦାୟ ହେବ ବୋଲି କାର୍ଯ୍ୟ ନିର୍ବାହୀ ଅଧିକାରୀ ରାଜେଶ କୁମାର ମହାପାତ୍ର କହିଛନ୍ତି। କାର୍ଯ୍ୟକ୍ରମରେ ବିଭିନ୍ନ ସ୍କୁଲର ଛାତ୍ରୀଛାତ୍ର, କାଉନସିଲର, ସ୍ୱଚ୍ଛ ସାଥୀ, ସ୍ୱଚ୍ଛ କର୍ମୀ ଏବଂ ଏନ୍ଏସି କର୍ମଚାରୀମାନେ ସହଯୋଗ କରିଥିଲେ।

### ଶିଶୁ ଉଦ୍ୟାନ ପାଇଁ ଭୂମି ପୂଜନ



କୋରୁକୋଣ୍ଡା, ୨୭।୯(ଶିବଦତ୍ତ ସାହୁ )

ବାଲିମେଳା ଏନ୍ଏସିରେ ନୂତନ ଶିଶୁ ଉଦ୍ୟାନ ନିମନ୍ତେ ଶୁକ୍ରବାର ଏନ୍ଏସି ଅଧ୍ୟକ୍ଷ ପ୍ରଦୀପ କୁମାର ନାୟକଙ୍କ ଦ୍ୱାରା ଭୂମି ପୂଜନ କରାଯାଇଛି। ପାର୍କ ନିର୍ମାଣ ପାଇଁ ୧ କୋଟି ୧୨ ଲକ୍ଷ ବ୍ୟୟ ବରାଦ ହୋଇଛି। ପୁରୋହିତଙ୍କ ଦ୍ୱାରା ପୂଜାର୍ଚ୍ଚନା ହୋଇଥିଲା। କାର୍ଯ୍ୟକ୍ରମରେ ଏନଏସି ଅଧ୍ୟକ୍ଷ ନାୟକଙ୍କ ସମେତ କାର୍ଯ୍ୟ ନିର୍ବାହୀ ଅଧିକାରୀ ରାଜେଶ କୁମାର ମହାପାତ୍ର, ଯନ୍ତ୍ରୀ ଆନନ୍ଦ ମାଲ ଏବଂ ଅନ୍ୟ କାଉନସିଲରମାନେ ଉପସ୍ଥିତ ଥିଲେ। ଏହି ପାର୍କ ପ୍ରାୟ ୫ ଏକର ବିଶିଷ୍ଟ ହୋଇଥିବା ହେତୁ ୧କୋଟି ୧୨ଲକ୍ଷ ଟଙ୍କା ପ୍ରର୍ଯ୍ୟାପ୍ତ ନୁହେ ତେଣୁ ଆଗାମୀ ଦିନରେ ଏମ୍‌ପି ଓ ବିଧାୟକଙ୍କ ପାଖରେ ଜଣାଇ ଅଧିକ ଅର୍ଥ ପାଇଁ ନିବେଦନ କରିବେ ବୋଲି ଅଧ୍ୟକ୍ଷ ନାୟକ କହିଛନ୍ତି । ଗତ ଅଗଷ୍ଟ ୩୧ ତାରିଖରେ ସ୍ୱାୟତ୍ତ ଶାସନ ଦିବସ ଅବସରରେ ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ଏହି ନୂତନ ପାର୍କର ଭିତ୍ତିପ୍ରସ୍ତର ସ୍ଥାପନ ଭିଡିଓ କନଫରେନ୍ସ ଦ୍ୱାରା ହୋଇଥିଲା । ଆଜି ଏହାର ଶୁଭାରମ୍ଭ କରାଯାଇଥିଲା ।

# ବିଭିନ୍ନ ସ୍ଥାନରେ ଲାଗିଲା ମାଓବାଦୀ ବିରୋଧୀ ପୋଷ୍ଟର

ମାଲକାନଗିର,୨୭।୯(ଦୁର୍ଯ୍ୟୋଧନ ପାତ୍ର)



ମାଲକାନଗିରି ଜିଲାର ଚିତ୍ରକୋଣ୍ଡା ସ୍ୱାଭିମାନ ଅଞ୍ଚଳ, ମାଥିଲି ଓ କାଲିମେଳା ବ୍ଲକ୍‌ର ବିଭିନ୍ନ ଅଞ୍ଚଳରେ ମାଓବାଦୀ ବିରୋଧୀ ପୋଷ୍ଟର ଲାଗିଥିବା ଦେଖିବାକୁ ମିଳିଛି। ଆଦିବାସୀ ସୁରକ୍ଷା ମଞ୍ଚ ଅବିଭକ୍ତ କୋରାପୁଟ ଜିଲା ପକ୍ଷରୁ ଏହି ପୋଷ୍ଟର ଲଗାଯାଇଥିବା ଉଲ୍ଲେଖ ରହିଛି।

ଉକ୍ତ ପୋଷ୍ଟରରେ ଉଲ୍ଲେଖ ରହିଛି, ଜିଲାରେ ଦୀର୍ଘବର୍ଷ ଧରି ଅନେକ ଅଞ୍ଚଳର ଯୁବତୀଯୁବକମାନେ ମାଓବାଦୀ ସଙ୍ଗଠନ ସହ ସାମିଲହୋଇ ନିଜ ପରିବାର, ଘରଦ୍ୱାର ଛାଡ଼ି ବହୁ କଷ୍ଟ ସହି, ଅଣ ଆଦିବାସୀ ଓ ଅଣ ଓଡ଼ିଆ ମାଓବାଦୀ ନେତାଙ୍କ ଦ୍ୱାରା ନିର୍ଯାତିତ ହୋଇ ଜଙ୍ଗଲ ପାହାଡ଼ରେ ଲୁଚି ଛପି ରହିବାକୁ ବାଧ ହେଉଛନ୍ତି। ବର୍ତ୍ତମାନ ପରିସ୍ଥିତିରେ ଛତିଶଗଡ଼, ତେଲଙ୍ଗାନା ଓ ମହାରାଷ୍ଟ୍ର ଭଳି ରାଜ୍ୟରେ ସୁରକ୍ଷା କର୍ମୀମାନଙ୍କ ସହ ମାଓବାଦୀ ସଙ୍ଗଠନ ମୁକାବିଲାରେ ବହୁ ସଂଖ୍ୟାରେ ଆଦିବାସୀ ନିଜ ଜୀବନ ହରାଉଛନ୍ତି। ତେଣୁ ରାଜ୍ୟ ସରକାରଙ୍କ ଆତ୍ମସମର୍ପଣ ଓ ପୁନଃ ଥଇଥାନ ନୀତିର ଲାଭ ଉଠାଇ ସମାଜର ମୁଖ୍ୟସ୍ରୋତରେ ନିଜକୁ ସାମିଲକରି ଏକ ସୁସ୍ଥ ଓ ସୁରକ୍ଷିତ ଜୀବନ ଆପଣାଇ ନେବାକୁ ଅବିଭକ୍ତ କୋରାପୁଟ ଜିଲା ଆଦିବାସୀ ସୁରକ୍ଷା ସମିତି ତରଫରୁ ସମସ୍ତଙ୍କୁ ଅନୁରୋଧ କରାଯାଉଛି। ସେହିପରି ମାଓବାଦୀ ସଙ୍ଗଠନରେ ଥିବା ବଡ଼ ନେତାମାନେ ଆଦିବାସୀ ଓ ପଛୁଆ ଜାତି ସଦସ୍ୟଙ୍କୁ ତାଙ୍କ ନିଜ କାମ କରାଇବା ସହ ଶୋଷଣ କରୁଛନ୍ତି। ସ୍ୱାଭିମାନ ଅଞ୍ଚଳର ନାବାଳିକାଙ୍କୁ ମାଓବାଦୀ ସଙ୍ଗଠନ ଜବରଦସ୍ତ ନିଜ ସାଙ୍ଗରେ ରଖି ନିର୍ଯାତନା ଦେଉଛନ୍ତି। ସେମାନେ ସଙ୍ଗଠନ ଛାଡ଼ି ନିଜ ଘରକୁ ଫେରିବାକୁ ଚେଷ୍ଟାକଲେ ମଧ ଏଓବିଏସ୍‌ଜେଡ୍‌ସି ସମ୍ପାଦକ ଉଦୟ ବଳପୂର୍ବକ ସେମାନଙ୍କୁ ଛତିଶଗଡ଼ରେ ନିଜ ପାଖରେ ରଖି କାମ କରାଉଛି। ତେଣୁ ଅବିଭକ୍ତ କୋରାପୁଟ ଆଦିବାସୀ ସୁରକ୍ଷା ମଞ୍ଚ ତରଫରୁ ମାଓବାଦୀ ସଙ୍ଗଠନକୁ ଚେତାଇ ଦେଉଛୁ, ଆମ ଅଞ୍ଚଳର ସମସ୍ତ ଆଦିବାସୀ ପୁଅ ଝିଅଙ୍କୁ ଯଥାଶୀଘ୍ର ନିଜ ନିଜ ଘରକୁ ଛାଡ଼ିଦିଅ, ନଚେତ୍ ପରିଣାମ ଭୟାବହ ହେବ । ଆବଶ୍ୟକ ପଡ଼ିଲେ ଆମେ ମଧ ମାଓବାଦୀଙ୍କୁ ଏହି ଅନ୍ୟାୟ କାର୍ଯ୍ୟରୁ ନିବୃତ କରିବା ପାଇଁ ତାଙ୍କ ବିରୋଧରେ ହତିଆର ଉଠାଇବୁ ବୋଲି ପୋଷ୍ଟରରେ ଉଲ୍ଲେଖ ରହିଛି।

# ଗୁରୁପ୍ରିୟା ସେତୁ ପ୍ରତି ବିପଦ ନାହିଁ: ମୁଖ୍ୟ ନିର୍ମାଣ ଯନ୍ତ୍ରୀ

ଚିତ୍ରକୋଣ୍ଡା,୨୭।୯ (ପ୍ରଫୁଲ୍ଲ ଚନ୍ଦ୍ର ତ୍ରିପାଠୀ)




ମାଲକାନଗିରି ଜିଲାରେ ଲଗାଣ ବର୍ଷା ଯୋଗୁ ବାଲିମେଳା ଜଳଭଣ୍ଡାରର ଜଳସ୍ତର ବୃଦ୍ଧି ପାଇଛି। ଚିତ୍ରକୋଣ୍ଡାସ୍ଥିତ ବାଲିମେଳା ଜଳଭଣ୍ଡାର ସର୍ବୋଚ୍ଚ ଜଳଧାରଣ କ୍ଷମତା ୧୫୧୬ ରହିଥିବା ବେଳେ ଲଗାଣ ବର୍ଷା ଯୋଗୁ ଏବେ ଜଳସ୍ତର ୧୫୧୪.୧୦ ରହିଛି। ବର୍ତ୍ତମାନ ଗୁରୁପ୍ରିୟା ସେତୁର ଗାର୍ଡରରୁ ମାତ୍ର ୨ଫୁଟ ତଳେ ଜଳସ୍ତର ଲାଗି ରହିଛି। ଆଉ ଦିନେ କି ୨ ଦିନ ମଧ୍ୟରେ ବ୍ରିଜ୍‌ର ଗାର୍ଡରକୁ ପାଣି ଛୁଇଁବ ବୋଲି ଅଞ୍ଚଳବାସୀ ଆଶଙ୍କା କରିଛନ୍ତି। ଅନ୍ୟପକ୍ଷରେ ଗୁରୁପ୍ରିୟା ସେତୁ ନିକଟ ଜାନବାଇ ଗ୍ରାମରେ ଥିବା ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ଓ ଆଖପାଖ ଅଞ୍ଚଳରେ ଥିବା ଘର ଭିତରେ ପାଣି ପଶିଯିବ ବୋଲି ଗ୍ରାମବାସୀ ଆଶଙ୍କା ପ୍ରକାଶ କରିଛନ୍ତି।

ଗତ କିଛିଦିନ ତଳେ ବାଲିମେଳା ଜଳଭଣ୍ଡାରରେ ଜଳସ୍ତର ୧୫୧୨ ଥିବା ବେଳେ ୨ଟି ଗେଟ୍ ଖୋଲାଯାଇ ଜଳସ୍ତର ହ୍ରାସ କରାଯାଇ ୧୫୧୧ ମଧ୍ୟରେ ସୀମିତ ରଖାଯାଇଥିଲା। ପରବର୍ତ୍ତୀ ସମୟରେ ଅଞ୍ଚଳରେ ବର୍ଷା ପରିମାଣ ବଢୁଥିବାରୁ ଜଳଭଣ୍ଡାରର ଜଳସ୍ତର ଧୀରେ ଧୀରେ ବଢ଼ିବାରେ ଲାଗିଛି। ତେଣୁ ଜଳଭଣ୍ଡାର ସର୍ବୋଚ୍ଚ ଜଳଧାରଣା କ୍ଷମତା ୧୫୧୬ ପର୍ଯ୍ୟନ୍ତ ରଖାଯିବା ନିମନ୍ତେ ପ୍ରଶାସନିକ ସ୍ତରରେ ନିଷ୍ପତ୍ତି ନିଆଯାଇଥିବା ଜଣାପଡ଼ିଛି। ଯଦିଦିନେ ୨ ଦିନ ମଧ୍ୟରେ ଜଳସ୍ତର ୧୫୧୬ ପର୍ଯ୍ୟନ୍ତ ଛୁଏଁ ତେବେ ଗେଟ୍ ଖୋଲାଯିବା ନିମନ୍ତେ ନିଷ୍ପତ୍ତି ନିଆଯାଇପାରେ ବୋଲି ସୂଚନା ମିଳିଛି। ତେବେ ଏନେଇ ବାଲିମେଳା ପୋଟେରୁ ଜଳସେଚନ ବିଭାଗ ମୁଖ୍ୟ ନିର୍ମାଣ ଯନ୍ତ୍ରୀ ପୀତବାସ ସେଠୀଙ୍କୁ ପଚାରିବାରୁ ଅଞ୍ଚଳବାସୀ ଆତଙ୍କିତ ହେବା ଆବଶ୍ୟକ ନାହିଁ। ୨୦୧୮ରେ ୧୫୧୬ ଜଳସ୍ତରରେ ପାଣି ଛଡ଼ାଯାଇଥିଲା। ଗତ କିଛିଦିନ ପୂର୍ବରୁ ଡ୍ୟାମ୍‌ର ୨ଗେଟ୍ ଖୋଲି ଜଳସ୍ତର କମାଇବା ସହ ବିଭିନ୍ନ ଦିଗରୁ ଯାଞ୍ଚ କରି ସାରିଛୁ। ସବୁ ଗେଟ୍ ସୁରକ୍ଷିତ ଏବଂ କାର୍ଯ୍ୟକ୍ଷମ ରହିଛି ବୋଲି ସେ କହିଥିଲେ। ଏନେଇ ମାଲକାନଗିରି ଜିଲାପାଳ ଆଶିଷ ଈଶ୍ୱର ପାଟିଲ ମୁଖ୍ୟ ନିର୍ମାଣ ଯନ୍ତ୍ରୀଙ୍କ ସହ ଯୋଗାଯୋଗରେ ରହିଛନ୍ତି। ଜଳଭଣ୍ଡାରର ସର୍ବାଧିକ ୧୫୧୬ ପର୍ଯ୍ୟନ୍ତ ଜଳଧାରଣ କରିବା କ୍ଷମତା ରହିଛି। ଗୁରୁପ୍ରିୟା ସେତୁ ଗାର୍ଡର ପର୍ଯ୍ୟନ୍ତ ପାଣି ଲାଗିଲେ ମଧ ଚିନ୍ତା କରିବାର ନାହିଁ। ଜାନବାଇ ଅଞ୍ଚଳ ସମ୍ପୂର୍ଣ୍ଣ ବିପଦମୁକ୍ତ ଥିବା ସେଠୀ ସୂଚନା ଦେଇଛନ୍ତି।

# ବଣ୍ଡା ଜନଜାତିଙ୍କ ଉନ୍ନତି ପାଇଁ ଅଣ୍ଟା ଭିଡିଲେ ବିଧାୟକ ମଙ୍ଗୁ ଖିଲ

ଖଇରପୁଟ,୨୭।୯ (ଜଗନ୍ନାଥ ମାଝୀ)

ମାଲକାନଗିରି ଜିଲା ଖଇରପୁଟ ବ୍ଲକ ମୁଦୁଲିପଡା ବଣ୍ଡାଘାଟି ଅଞ୍ଚଳର ଜନଜାତିଙ୍କ ବିକାଶ ପାଇଁ ଚିତ୍ରକୋଣ୍ଡା ବିଧାୟକ ମଙ୍ଗୁ ଖିଲ ବିଭିନ୍ନ ଯୋଜନା ସମ୍ବନ୍ଧରେ ସମୀକ୍ଷା କରିଛନ୍ତି। ବଣ୍ଡା ଜନଜାତିମାନେ କିପରି ନିର୍ମାଣ କ୍ଷେତ୍ରରେ ଗ୍ରାମୀଣ ମିସ୍ତ୍ରୀ ଏବଂ ସେମାନଙ୍କ ପାରମ୍ପାରିକ ଅଳଙ୍କାରକୁ ଅଧିକ କୁଶଳୀ ଢଙ୍ଗରେ ନିର୍ମାଣ କରି ଅର୍ଥ ଉପାର୍ଜନ କରିବା ସହ ସ୍ୱାବଲମ୍ବୀ ହୋଇପାରିବେ ସେ ବିଷୟରେ ସୂଚନା ଦେଇଥିଲେ। ଏହି ଅବସରରେ ବିଧାୟକ ଖଇରପୁଟ ବଣ୍ଡା ଉନ୍ନୟନ ସଂସ୍ଥା କାର୍ଯ୍ୟାଳୟ ପରିସରରେ ଏକ ପ୍ରକଳ୍ପକୁ ଉଦ୍‌ଘାଟନ କରିଛନ୍ତି। ଏହି ପ୍ରକଳ୍ପ ଦ୍ୱାରା ୨୭୦ ଜଣ ବଣ୍ଡା ମହିଳା ଓ ପୁରୁଷ ଉପକୃତ ହେବେ ବୋଲି କହିଛନ୍ତି। ବଣ୍ଡା ଉନ୍ନୟନ ସଂସ୍ଥାର ଅଧିକାରୀ ସଲେମନ ରାଇକା ବଣ୍ଡା ଜନଜାତିଙ୍କ ପାଇଁ ହୋଇଥିବା ବିଭିନ୍ନ ଯୋଜନା ସମ୍ବନ୍ଧରେ ସୂଚନା ଦେଇଥିଲେ। କାର୍ଯ୍ୟକ୍ରମରେ ଜିଲା ଦକ୍ଷତା ବିକାଶ ଓ ନିଯୋଜନ ଅଧିକାରୀ ମନସ୍ୱି ସେଠୀ, ଦକ୍ଷତା ବିକାଶ ବିଭାଗର ଜସପାଲ ସିଂ ଓ ମୟଙ୍କ ରାଜ ଉପସ୍ଥିତ ଥିଲେ।



ଚିତ୍ରକୋଣ୍ଡା ବିଧାୟକ ଯୁବକଙ୍କୁ ଟି ଶର୍ଟ ପ୍ରଦାନ କରୁଛନ୍ତି।

ସୂଚନାଯୋଗ୍ୟ, ବଣ୍ଡାଘାଟି ଅଞ୍ଚଳର ୭ଟି ପଞ୍ଚାୟତରେ ବଣ୍ଡା ଜନଜାତି ବସବାସ କରନ୍ତି । ଏହି ଜନଜାତିଙ୍କ ବେଷଭୁଷା, ଅଳଙ୍କାର ପରିଧାନ, ଖାଦ୍ୟପେୟ ପାରମ୍ପରିକ ଗୀତ ନାଚ ଏବଂ ଜଙ୍ଗଲ ମଧ୍ୟରେ ରହି କିପରି ଜୀବନ ବିତାନ୍ତି ତାକୁ ଦେଖିବା ପାଇଁ ଦେଶ ବିଦେଶରୁ ପର୍ଯ୍ୟଟକ ମାନେ ଛୁଟି ଆସନ୍ତି। ଏହି ବଣ୍ଡା ଜାତିଙ୍କ ବିକାଶ ପାଇଁ କେନ୍ଦ୍ର ଓ ରାଜ୍ୟ ସରକାର ଶହ ଶହ କୋଟି ଟଙ୍କା ଖର୍ଚ୍ଚ କରି ବିଲୁପ୍ତ ବଣ୍ଡା ଜାତିଙ୍କ ବଂଶବୃଦ୍ଧି ଏବଂ ଶିକ୍ଷା, ସ୍ୱାସ୍ଥ୍ୟ, ପରିବେଶ ପାନୀୟ ଜଳ, ନିଯୁକ୍ତି ଇତ୍ୟାଦି ପାଇଁ ବଣ୍ଡା ଉନ୍ନୟନ ସଂସ୍ଥା ମାଧ୍ୟମରେ କାର୍ଯ୍ୟ କରୁଛନ୍ତି। ତଥାପି ଏହି ଅଞ୍ଚଳରେ ଅନେକ ସ୍ଥାନରେ ବିକାଶ ଦେଖିବାକୁ ମିଳେନାହିଁ।

## ରକ୍ତ ଦାନ ଶିବିର, ୩୧ ୟୁନିଟ୍ ସଂଗ୍ରହ

କୋରୁକୋଣ୍ଡା,୨୭।୯(ଶିବଦତ୍ତ ସାହୁ )

କୋରୁକୋଣ୍ଡା ବ୍ଲକ ଅନ୍ତର୍ଗତ ବାଲିମେଳା ବିଜ୍ଞାନ ଓ ବୈଷୟିକ ମହାବିଦ୍ୟାଳୟରେ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଆୟୋଜିତ ହୋଇଛି। ଏଠାରେ ମୋଟ ୩୧ ୟୁନିଟ ରକ୍ତ ସଂଗ୍ରହ କରାଯାଇଥିଲା। ମହାବିଦ୍ୟାଳୟର ଅଧ୍ୟକ୍ଷ ରବୀନ୍ଦ୍ରନାଥ ପାତ୍ର ଯୋଗଦେଇ ଶିବିର ଉଦ୍‌ଘାଟନ କରିଥିଲେ। ଛାତ୍ରୀଛାତ୍ର ଓ ଅଧାପକ ଉତ୍ସାହ ସହ ରକ୍ତଦାନ କରିଥିଲେ। ଅଧାପକ ତଥା ଜିଲା ଏନ୍ଏସ୍ଏସ୍ ପୋଗ୍ରାମ ଅଧିକାରୀ ସରୋଜ କୁମାର ମହାପାତ୍ର, ଅଧାପକ ଏନ୍ଏସ୍ଏସ୍ ୟୁନିଟ ମୁଖ୍ୟ ଜିତେନ କୁମାର ପ୍ରଧାନ, ଅଧାପିକା



ଏନଏସଏସ ମହିଳା ୟୁନିଟ ମୁଖ୍ୟ ରଞ୍ଜିତା ଟୋପା, ରେଡ୍‌କ୍ରସ ୟୁନିଟ ମୁଖ୍ୟ ଅଧାପକ ଚନ୍ଦ୍ରଶେଖର ମାଢି ତପନ କାର୍ଜି, ରେଡ୍‌କ୍ରସ ଓ ଏନଏସଏସ ଛାତ୍ରୀଛାତ୍ର ଶିବିରରେ ସହଯୋଗ କରିଥିଲେ। ଜିଲା ରକ୍ତଭଣ୍ଡାରର ସୁଜିତ କୁମାର ରାୟ, ଅର୍ଚ୍ଚନା ସାରୋ, ମୋହନ ଖେମୁଡୁ ରକ୍ତ ସଂଗ୍ରହ କରିବାରେ ସାହାଯ୍ୟ କରିଥିଲେ। କାର୍ଯ୍ୟକ୍ରମକୁ ଅଧାପକ ଅଧାପିକା ଓ କର୍ମଚାରୀମାନେ ସହଯୋଗ କରିଥିଲେ।

## ଶିଶୁ ମହୋତ୍ସବ ସୁରଭି

ମାଥିଲି,୨୭।୯(ସୁବାସ ଚନ୍ଦ୍ର ଖୁଡୁପିଆ)

ମାଲକାନଗିରି ଜିଲା ମାଥିଲି ବ୍ଲକ୍ ଅନ୍ତର୍ଗତ ମେଟ୍ଟା ପଞ୍ଚାୟତର ସେବାଶ୍ରମ ସ୍କୁଲରେ ଆଞ୍ଚଳିକସ୍ତରରେ ଶିଶୁ ମହୋତ୍ସବ ସୁରଭି-୨୦୨୪ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ସଂଯୋଜକ ସିଆର୍‌ସିସି ମେଟ୍ଟା ଭୁବନ ନାୟକ, ସ୍ଥାନୀୟ ସରପଞ୍ଚ ରଞ୍ଜିତା ପୂଜାରୀ, ମୁଖ୍ୟ ସଚେତକ ସଦାଶିବ ପୂଜାରୀ, ପ୍ରଧାନ ଶିକ୍ଷକ ସେବାଶ୍ରମ ମେଟ୍ଟା,ପ୍ରଧାନ ଶିକ୍ଷକ ଶ୍ୟାମସୁନ୍ଦର ବାରିକ ଦାମାପଡ଼ା, ପ୍ରଧାନ ଶିକ୍ଷକ ଦୁର୍କାଗୁଡା,ବାବୁଲା ପୃଷ୍ଟି,ଧନୁ ଓଡି,କୁଟୁଲିଗୁଡ଼ା ପ୍ରଧାନ ଶିକ୍ଷକ କିଶୋର କୁମାର ପରିଡ଼ା, ଗୁରୁବନ୍ଧୁ ନାୟକ ସ୍କୁଲର ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକଙ୍କ ସହ ଛାତ୍ରୀଛାତ୍ର ଉପସ୍ଥିତ ଥିଲେ। ଶିକ୍ଷାର ଗୁଣମାନ ପ୍ରଗତି ନିମନ୍ତେ ସରକାରଙ୍କ ନିର୍ଦ୍ଦେଶରେ କାର୍ଯ୍ୟକ୍ରମ କରାଯାଇଥିଲା ।

# ପୁଣି ଥରେ ବାତିଲ ହେଲା ପଞ୍ଚାୟତ ସମିତି ବୈଠକ



ବୈଠକରେ ଉପସ୍ଥିତ ଅଧିକାରୀ।

କୋରୁକୋଣ୍ଡା,୨୭।୯(ଶିବଦତ୍ତ ସାହୁ):

କୋରୁକୋଣ୍ଡା ପଞ୍ଚାୟତ ସମିତି ବୈଠକ ଶୁକ୍ରବାର ଅନୁଷ୍ଠିତ ହେବା ପାଇଁ ବ୍ଲକ ପ୍ରଶାସନ ପକ୍ଷରୁ ଦିନ ଧାର୍ଯ୍ୟ କରାଯାଇଥିଲା । ହେଲେ ଉକ୍ତ ବୈଠକରେ ବିଭିନ୍ନ ପଞ୍ଚାୟତର ଅଧିକାଂଶ ସମିତି ସଭ୍ୟ ସଭ୍ୟା ଅନୁପସ୍ଥିତ ଥିବା କାରଣରୁ ବୈଠକ ବାତିଲ ହୋଇଥିବା କହିଛନ୍ତି ପଞ୍ଚାୟତ ସମିତି ଅଧ୍ୟକ୍ଷ ଜିତୁ ବୁରୁଡି ।

ସୂଚନା ଅନୁଯାୟୀ, ଶୁକ୍ରବାର ନିର୍ଦ୍ଧାରିତ ସମୟରେ ପଞ୍ଚାୟତ ସମିତି ବୈଠକ ଗୃହରେ ଦାୟିତ୍ୱରେ ଥିବା ଗୋଷ୍ଠୀ ଉନ୍ନୟନ ଅଧିକାରୀ ଉମାଶଙ୍କର କୋୟାଙ୍କ ସମେତ ବିଭିନ୍ନ ଗ୍ରାମ ପଞ୍ଚାୟତରୁ ଆସିଥିବା ସରପଞ୍ଚ, ଡୁଡାମେଟା ସମିତି ସଭ୍ୟା ସବିତା ଦାସ, ପଞ୍ଚାୟତ ସମିତିର ବିଭିନ୍ନ ବିଭାଗର ଅଧିକାରୀମାନେ ଉପସ୍ଥିତ ଥିଲେ। ହେଲେ ଜଣେ ସମିତି ସଭ୍ୟଙ୍କୁ ଛାଡି ଅନ୍ୟ ୧୦ ଜଣ ସମିତି ସଭ୍ୟ ଅନୁପସ୍ଥିତ ଥିବାରୁ ବୈଠକ ବାତିଲ କରାଗଲା ବୋଲି ଅଧ୍ୟକ୍ଷ ବୁରୁଡି କହିଥିଲେ। ସୂଚନା ଥାଉକି, ଗତ ମାସ ୭ ତାରିଖରେ ବ୍ଲକରେ ହୋଇଥିବା ସମିତି ବୈଠକ ଅନୁଷ୍ଠିତ ପାଇଁ ମଧ ବ୍ଲକ ପ୍ରଶାସନ ପକ୍ଷରୁ ଦିନ ଧାର୍ଯ୍ୟ କରାଇଥିଲା। କିନ୍ତୁ ଉକ୍ତ ବୈଠକରେ ଯୋଗଦେବା ପାଇଁ ଦୁଇ ବିଧାୟକ ମଧ ଆସିଥିଲେ। ପଞ୍ଚାୟତ ସମିତି ଅଧୀନରେ ଥିବା ଅଧ୍ୟକ୍ଷଙ୍କ ସମେତ ମୋଟ ୧୨ଜଣଙ୍କ ମଧ୍ୟରୁ ୮ଜଣ ସମିତି ସଭ୍ୟ ସଭ୍ୟା ଅନୁପସ୍ଥିତ ରହିଥିବାରୁ ଗତଥର ମଧ ବୈଠକକୁ ବାତିଲ କରାଯାଇଥିଲା। ଉକ୍ତ ୮ ସମିତି ସଭ୍ୟ ସଭ୍ୟା ସେମାନଙ୍କ ବିଭିନ୍ନ ଅଭିଯୋଗ ନେଇ ଗୋଷ୍ଠୀ ଉନ୍ନୟନ ଅଧିକାରୀଙ୍କୁ ଏକ ଲିଖିତ ଦାବିପତ୍ର ପ୍ରଦାନ କରିଥିଲେ ।

**ସମିତି ସଭ୍ୟାସଭ୍ୟଙ୍କ ଅନୁପସ୍ଥିତି**

# ରାଜ୍ୟ ସରକାରଙ୍କ ଉଦ୍ଦେଶ୍ୟରେ ଦାବିପତ୍ର

କୋରୁକୋଣ୍ଡା,୨୭।୯(ଶିବଦତ୍ତ ସାହୁ)

ମାଲକାନଗିରି ଜିଲାର କୁଡୁମୁଲୁଗୁମ୍ମା କଲ୍ୟାଣ ମଣ୍ଡପରେ ଡିଡାୟୀ ସମାଜ ସଂଘ ପକ୍ଷରୁ ଡିଡାୟୀ ଜନଜାତିଙ୍କ ଉନ୍ନତି ଓ ବିଭିନ୍ନ ସମସ୍ୟାର ୭ ଦଫା ଦାବି ନେଇ ରାଜ୍ୟ ସରକାରଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ଶୁକ୍ରବାର ପ୍ରଦାନ କରାଯାଇଛି। ଡିଡାୟୀ ସମାଜର ସଭାପତି ବଂଶୀଧର ମୁଦୁଲିଙ୍କ ନେତୃତ୍ୱରେ ଦେଢ଼ ହଜାରରୁ ଊର୍ଦ୍ଧ୍ୱ ଲୋକ ବିଶାଳ ଶୋଭାଯାତ୍ରାରେ ବାହାରି ପ୍ଲାକାର୍ଡ ଧରି ଓ ସ୍ଲୋଗାନ ଦେଇ ଡିଡାୟୀ ଉନ୍ନୟନ ସଂସ୍ଥାର ସ୍ୱତନ୍ତ୍ର ଅଧିକାରୀ କିରାଣି ନାୟକଙ୍କୁ ଦାବିପତ୍ର ଦିଆଯାଇଥିଲା। ରାଜ୍ୟ ସରକାରଙ୍କ ଆଦିବାସୀ କଲ୍ୟାଣ ବିଭାଗ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରେରଣ କରିବେ ବୋଲି ଡିଡାୟୀ ଉନ୍ନୟନ ଅଧିକାରୀ ସମସ୍ତଙ୍କୁ ଆଶ୍ୱାସନା ଦେଇଥିଲେ। ଡିଡାୟୀ ଭାଷାଭିତ୍ତିକ ଶିକ୍ଷକ ନିଯୁକ୍ତି, ଡିଡାୟୀଙ୍କ ପାଇଁ ଆସୁଥିବା ସରକାରୀ ଅନୁଦାନ, ଜଙ୍ଗଲ ଓ ଗୋଷ୍ଠୀ ଜମିପଟ୍ଟା ପ୍ରଦାନ, ଛାତ୍ରୀଛାତ୍ରଙ୍କ ଉଚ୍ଚଶିକ୍ଷା ପାଇଁ ଶିକ୍ଷା ଅନୁଦାନ, ନୂଆଗୁଡ଼ାରେ ନିର୍ମିତ ଡିଡାୟୀ ବାଳକ ବିଦ୍ୟାଳୟକୁ ତୁରନ୍ତ କାର୍ଯ୍ୟକ୍ଷମ କରିବା,ତାଲିକାରୁ ବାଦ୍ ପଡ଼ିଥିବା ଗ୍ରାମକୁ ମୁଖ୍ୟ ତାଲିକାରେ ସାମିଲ କରିବା ଓ ଆଦିମ ଜନଜାତି ପୋଷଣ କାର୍ଯ୍ୟକ୍ରମକୁ ଚାଲୁ ରଖିବାକୁ ଦାବିପତ୍ରରେ ଉଲ୍ଲେଖ କରାଯାଇଛି। ଶାନ୍ତିପୂର୍ଣ୍ଣ ଶୋଭାଯାତ୍ରା ପାଇଁ ଚିତ୍ରକୋଣ୍ଡା ଏସ୍‌ଡିପିଓ ଓ ବାଲିମେଳା ଆଇଆଇସିଙ୍କ ନେତୃତ୍ୱରେ ଏକ ପୋଲିସ ଟିମ୍ ମୁତୟନ ହୋଇଥିଲେ।

# ଲୁକ୍କାୟିତ ପ୍ରତିଭା ଲୋକଲୋଚନକୁ ଆଣେ ସୁରଭି



ମାଲକାନଗିରି,୨୭।୯ (ନୃସିଂହ ଚରଣ ମହାନ୍ତି)

ମାଲକାନଗିରି ଜିଲା ସଦର ମହକୁମା ବିବିଗୁଡା ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ ପୌର ପରିଷଦ ଅଧୀନରେ ଥିବା ସମସ୍ତ ବିଦ୍ୟାଳୟର ଛାତ୍ରୀଛାତ୍ରଙ୍କୁ ନେଇ ଶିଶୁ ମହୋତ୍ସବ ସୁରଭି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ ବିନୋଦ ବିହାରି ଦାସଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମାଲକାନଗିରି ବ୍ଲକ ମଣ୍ଡଳ ଶିକ୍ଷାଧିକାରୀ ରବୀନ୍ଦ୍ରନାଥ ଧର ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ଅତିରିକ୍ତ ମଣ୍ଡଳ ଶିକ୍ଷାଧିକାରୀ ଅସୀମ କୁମାର ମାଝୀ ଯୋଗଦେଇ ଶିଶୁମାନଙ୍କୁ ଶିକ୍ଷା ସହ ସେମାନଙ୍କ ମଧ୍ୟରେ ଥିବା ପ୍ରତିଭାକୁ ପ୍ରଦର୍ଶିତ କରି ଲୋକଲୋଚନକୁ ଆଣିଲେ ଭବିଷ୍ୟତରେ ସେମାନେ ସୁନାମଧନ୍ୟ କଳାକାର, ଶିକ୍ଷାବିତ, ସୁବକ୍ତା, ଚିତ୍ରଶିଳ୍ପୀ, ପରିବେଶବିତ ଇତ୍ୟାଦି ହୋଇପାରିବେ ବୋଲି ନିଜ ନିଜ ବକ୍ତବ୍ୟରେ ପ୍ରକାଶ କରିଥିଲେ। ଏହି ଅବସରରେ ଛାତ୍ରୀଛାତ୍ରଙ୍କ ମଧ୍ୟରେ ନୃତ୍ୟ ସଙ୍ଗୀତ, ବକ୍ତୃତା, ଇତ୍ୟାଦି ପ୍ରତିଯୋଗିତା କରାଯାଇଥିଲା। କାର୍ଯ୍ୟକ୍ରମକୁ ପ୍ରଧାନ ଶିକ୍ଷୟିତ୍ରୀ ସଂଯୁକ୍ତାରାଣୀ ମଣ୍ଡଳ, ରାମପ୍ରସାଦ ପାଢ଼ି, ସମୀରକାନ୍ତ ରଥ, ପୂର୍ଣ୍ଣଚନ୍ଦ୍ର ଖଣ୍ଡପାଣିଙ୍କ ତତ୍ତ୍ୱାବଧାନରେ ପରିଚାଳିତ ହୋଇଥିଲା।

# ଗାୟତ୍ରୀ ମହାଯଜ୍ଞ ନେଇ ଶକ୍ତି କଳସ ଯାତ୍ରା

ଗୋବିନ୍ଦପାଲି, ୨୭।୯(କାର୍ତ୍ତିକ ରଥ)

ଖଇରପୁଟ ବ୍ଲକ ଅନ୍ତର୍ଗତ ପୋଡ଼ାଘାଟଠାରେ ଆସନ୍ତା ନଭେମ୍ବରରେ ହେବାକୁ ଥିବା ୧୦୮ କୁଣ୍ଡିଅ ଗାୟତ୍ରୀ ମହାଯଜ୍ଞ ପାଇଁ ଶାନ୍ତିକୁଞ୍ଜ ହରିଦ୍ୱାରଠାରୁ ଅଣାଯାଇଥିବା ଶକ୍ତି କଳସକୁ ଜିଲାର ପ୍ରବେଶ ଦ୍ୱାର ଗୋବିନ୍ଦପାଲିଠାରେ ପୂଜାର୍ଚ୍ଚନା କରାଯାଇ ବିଭିନ୍ନ ଗ୍ରାମ ପରିକ୍ରମା କରାଯାଇଥିଲା।ଏହି ଶକ୍ତି କଳସ ଆଣିବା ପାଇଁ ଅଞ୍ଚଳର ବିଭିନ୍ନ ଗ୍ରାମରୁ ଗାୟତ୍ରୀ ପରିବାରର ୪୭ ଜଣ ମହିଳା ଓ ପୁରୁଷ ୧୫ରେ ଶାନ୍ତିକୁଞ୍ଜ ହରିଦ୍ୱାରକୁ ଯାତ୍ରା ଆରମ୍ଭ କରି ଗୁରୁବାର ଆସି ପହଞ୍ଚିଥିଲେ। ରାସ୍ତାରେ ରାୟଗଡ଼ା, କୋରାପୁଟଠାରେ ମଧ ଭକ୍ତମାନେ ସ୍ୱାଗତ ପୂଜା କରିଥିଲେ। ଗୋବିନ୍ଦପାଲିଠାରୁ ଖଇରପୁଟ ମଧ୍ୟରେ ଥିବା ବିଭିନ୍ନ ଗ୍ରାମରେ ଶକ୍ତି କଳସକୁ ନାଚ, ଗୀତ ଭଜନ କୀର୍ତ୍ତନ ମାଧ୍ୟମରେ ସ୍ୱାଗତ କରାଯାଇଥିଲା। ଶେଷରେ ଏହାକୁ ଖଇରପୁଟଠାରେ ଥିବା ଗାୟତ୍ରୀ ମନ୍ଦିରରେ ସୁରକ୍ଷିତ ଭାବେ ରଖାଯାଇଛି। ଏହି କଳସ ପୂଜା ଯାତ୍ରାରେ ଛତିଶଗଡ଼, ମାଲକାନଗିରି, କୋରାପୁଟ, ନବରଙ୍ଗପୁର ଅଞ୍ଚଳର ଅନେକ ଭକ୍ତ ଆସ ଭଜନ କୀର୍ତ୍ତନରେ ଯୋଗ ଦେଇଥିଲେ। ଯଜ୍ଞ ପୂର୍ବରୁ ଆଗାମୀ ଦିନରେ ଜିଲାର ଅନେକ ଅଞ୍ଚଳରେ ଏହି ଶକ୍ତି କଳସ ପରିକ୍ରମା କରାଯିବାର କାର୍ଯ୍ୟକ୍ରମ ରହିଛି। ଜିଲାରେ ପ୍ରଥମ ଥର ପାଇଁ ଏତେ ବଡ ୧୦୮ କୁଣ୍ଡିୟ ଯଜ୍ଞ କରାଯାଉଥିବାରୁ ପଡୋଶୀ ରାଜ୍ୟରୁ ମଧ ବହୁ ଭକ୍ତ ଯୋଗ ଦେବା ଅନୁମାନ କରାଯାଉଛି। ଏଥିପାଇଁ ପ୍ରତିଦିନ ଗାୟତ୍ରୀ ମନ୍ଦିରରେ ଏହା ସମ୍ପର୍କିତ ପ୍ରସ୍ତୁତି ବୈଠକ ଚାଲୁ ରହୁଛି।



# ସୁସ୍ଥ ଜୀବନ ପାଇଁ ଉତ୍ତମ ପୋଷଣ ଆବଶ୍ୟକ

- ଜିଲାସ୍ତରୀୟ ପୋଷଣ ମାସ ପାଳନ
- ଯୌନ ଶୋଷଣର ପ୍ରତିରୋଧ ତାଲିମ

ମାଲକାନଗିର,୨୭।୯(ଦୁର୍ଯ୍ୟୋଧନ ପାତ୍ର)

ମହିଳା ଓ ଶିଶୁ ବିକାଶ ବିଭାଗ ଆନୁକୂଲ୍ୟରେ ଜିଲା ସମାଜ ମଙ୍ଗଳ କାର୍ଯ୍ୟାଳୟ ପକ୍ଷରୁ ମାଲ୍ୟବନ୍ତ ଛାତ୍ରାବାସ ସମ୍ମିଳନୀ କକ୍ଷରେ ଜିଲାସ୍ତରୀୟ ପୋଷଣ ମାସ ପାଳନ କରାଯାଇଛି। ଏହି ଅବସରରେ କାର୍ଯ୍ୟକ୍ଷେତ୍ରରେ ମହିଳାଙ୍କ ଯୌନ ଶୋଷଣର ପ୍ରତିରୋଧ ଓ ପ୍ରତିକାର ଆଇନ ନେଇ ଏକଦିବସୀୟ ଜିଲାସ୍ତରୀୟ ତାଲିମ ଶିବିର ଆୟୋଜନ କରାଯାଇଛି। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଅତିରିକ୍ତ ଜିଲାପାଳ(ରାଜସ୍ୱ) ବେଦବର ପ୍ରଧାନ ଯୋଗଦେଇଥିଲେ। ଉପ ଜିଲାପାଳ ଦୁର୍ଯ୍ୟୋଧନ ଭୋଇ, ଜିଲା ଯୋଗାଣ ଅଧିକାରୀ ମନମୋହନ ପଟ୍ଟନାୟକ, ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ପ୍ରମିଳା ମାଝୀ, ଜିଲା ଶିଶୁ ସୁରକ୍ଷା ଅଧିକାରୀ ନାରାୟଣ ଦାସ, ଉପଖଣ୍ଡ ସାମାଜିକ ସୁରକ୍ଷା ଅଧିକାରୀ ସସ୍ମିତା ସ୍ୱାଇଁ, କାର୍ଯ୍ୟକ୍ରମ ଅଧିକାରୀ



ପୋଷଣ ମାସ କାର୍ଯ୍ୟକ୍ରମରେ ପନିପରିବା ପ୍ରଦର୍ଶନ କରାଯାଇଛି।

ଇନ୍ଦିରା ପ୍ରଧାନ ଓ କିଶୋର ନ୍ୟାୟ ପରିଷଦ ସଦସ୍ୟ ସନ୍ତୋଷ କୁମାର ଦାସ ମଞ୍ଚାସୀନ ଥିଲେ। ଅତିରିକ୍ତ ଜିଲାପାଳ ମହିଳା ଓ ଶିଶୁଙ୍କ ପୁଷ୍ଟିସାଧନ ଓ ସ୍ୱାସ୍ଥ୍ୟ ସ୍ଥିତିରେ ଉନ୍ନତି ଆଣିବା ପାଇଁ ଆହ୍ୱାନ ଦେଇଥିଲେ। ଏଥିସହ ସୁସ୍ଥ ସ୍ୱାସ୍ଥ୍ୟ ପାଇଁ ପୋଷଣ ବଟିକା କେବଳ ଅଙ୍ଗନୱାଡି କେନ୍ଦ୍ରରେ ସୀମିତ ନ ରହି ନିଜ ଘରେ ମଧ ସୃଷ୍ଟି କରିବା ପାଇଁ ମା'ମାନଙ୍କୁ ପରାମର୍ଶ ଦେଇଥିଲେ। ବିଶେଷକରି ଦୁର୍ଗମ ଅଞ୍ଚଳରେ ଆଦିବାସୀ ଅଞ୍ଚଳରେ ଗ୍ରାମ୍ୟ ସ୍ୱାସ୍ଥ୍ୟ, ପୁଷ୍ଟିସାଧନ ଏବଂ ପରିମଳ ଦିବସ ଏବଂ ଜାତୀୟ ଟିକାକରଣ ଦିବସ ଜରିଆରେ ସ୍ୱାସ୍ଥ୍ୟ ଏବଂ ପୁଷ୍ଟିସାଧନ ସେବାରେ ଉନ୍ନତି ଆଣିବା ପାଇଁ ଉପସ୍ଥିତ ଅତିଥିମାନେ ମତବ୍ୟକ୍ତ କରିଥିଲେ। ଉତ୍ତମ ପୋଷଣ ଦ୍ୱାରା ସୁସ୍ଥ ଜୀବନ ଗଠନ ନେଇ ସେପ୍ଟେମ୍ବର ୧ରୁ ୩୦ ପର୍ଯ୍ୟନ୍ତ ଜିଲାରେ ପୋଷଣ ମାସ ପାଳନ କରାଯାଉଛି। ସେହିପରି ସମ୍ବିଧାନର ଧାରା ୧୪ରେ ପ୍ରଦାନ କରାଯାଇଥିବା ସମାନତା ଅଧିକାର ବଳରେ ମହିଳାଙ୍କ ଅଧିକାରକୁ ସୁରକ୍ଷା ଦେବା ଆମ ସମସ୍ତଙ୍କ କର୍ତ୍ତବ୍ୟ ବୋଲି ଅତିଥିମାନେ ପ୍ରକାଶ କରିଛନ୍ତି। ବିଶେଷଭାବେ ଏହା ସମ୍ପର୍କିତ ଆଇନ ବିଷୟରେ ଗାଁ ଗହଳିର ମହିଳାଙ୍କୁ ଅଧିକ ସଚେତନକରିବାର ଆବଶ୍ୟକତା ରହିଛି ବୋଲି ମଧ ମତପ୍ରକାଶ ପାଇଥିଲା। ଏହି ଅବସରରେ ଜିଲାର ସମସ୍ତ ସିଡିପିଓ, ମହାବିଦ୍ୟାଳୟର ଅଧାପିକା, ଗୋଷ୍ଠୀ ପୋଷଣ ସଂଯୋଜକ, କିଶୋରୀ ବାଳିକା, ୟୁନିସେଫ୍ ଆକ୍ସନ ଏଡ୍ ସଦସ୍ୟ ଓ ଅଙ୍ଗନୱାଡି କର୍ମୀଙ୍କ ସମେତ ଜିଲା ସମାଜ ମଙ୍ଗଳ ବିଭାଗ କର୍ମଚାରୀ ଉପସ୍ଥିତ ଥିଲେ।

**ସଂକ୍ଷେପରେ**

## ଡାବରାଘାଟିରେ ପୁଣି ୩ ଜଣ ଝାଡ଼ାବାନ୍ତିରେ ଆକ୍ରାନ୍ତ

ମଇଦଲପୁର, ୨୭।୯(ସଦାଶିବ ପ୍ରହରାଜ) ନବରଙ୍ଗପୁର ଜିଲା ସୀମାନ୍ତ କଳାହାଣ୍ଡି ଜିଲା ଜୟପାଟନା ବ୍ଲକ ଅଁଳାଭଟ୍ଟା ପଞ୍ଚାୟତ ଡାବରାଘାଟିରେ ଶୁକ୍ରବାର ପୁଣି ୩ ଜଣ ଝାଡ଼ାବାନ୍ତିରେ ଆକ୍ରାନ୍ତ ହୋଇଛନ୍ତି। ସେମାନେ ହେଲେ ମଙ୍ଗାଇ ସାନ୍ତା, ଯୁକୁ ସାନ୍ତା ଓ ସାବିତ୍ରୀ ମୁଦୁଲି। ସେମାନଙ୍କୁ ନବରଙ୍ଗପୁର ଜିଲା ମଇଦଲପୁର ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ମଙ୍ଗାଇ ସାନ୍ତା ଓ ସାବିତ୍ରୀ ସାନ୍ତାଙ୍କ ଅବସ୍ଥା ଗୁରୁତର ଥିବାରୁ ସେମାନଙ୍କୁ ପାପଡ଼ାହାଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ଜୁକୁ ସାନ୍ତା ସୁସ୍ଥ ହୋଇ ଗାଁକୁ ଫେରିଥିବା ଜଣାପଡ଼ିଛି। ପ୍ରକାଶ ଯେ, ୨ ଦିନ ହେବ ଜୟପାଟଣାରୁ ଡାକ୍ତରୀ ଟିମ୍ ଯାଇ ଗାଁରେ ଚିକିତ୍ସା କରୁଛନ୍ତି।

## ୧୬୯ଙ୍କ ସ୍ୱାସ୍ଥ୍ୟ ପରୀକ୍ଷା



ନବଙ୍ଗପୁର,୨୭।୯(ସଦାଶିବ ପ୍ରହରାଜ) ନବରଙ୍ଗପୁର ବ୍ଲକ ପରିସରରେ ସାନମସିଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପକ୍ଷରୁ ସ୍ୱଚ୍ଛତା ହିଁ ସେବା ମାଗଣା ସ୍ୱାସ୍ଥ୍ୟସେବା ଅନୁଷ୍ଠିତ ହୋଇଛି। ସିଡିଏମ୍‌ଓ ମଳୟ କୁମାର ତ୍ରିପାଠୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଶିବିର ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥିଭାବେ ବିଡିଓ ସୁନୀଲ ଖରା ଉପସ୍ଥିତ ଥିଲେ। ଶିବିରରେ ୧୬୯ ଜଣ ରୋଗୀ ଚିକିତ୍ସିତ ହୋଇ ମାଗଣା ଔଷଧ ନେଇଥିଲେ। ଡାକ୍ତର ଜାହାନବାଜ ଖାନ, ପଙ୍କଜ ପଟ୍ଟନାୟକ, ନମିତା ମହାନ୍ତି ରୋଗୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ। ପିଏଚ୍‌ଇଓ ଆଶୁତୋଷ ପାଢ଼ୀ, ବିପିଏମ୍ ସୁଧାଂଶୁ ତ୍ରିପାଠୀ, ମହିଳା ସ୍ୱାସ୍ଥ୍ୟକର୍ମୀ ଓ ଭ୍ରାମ୍ୟମାଣ ସ୍ୱାସ୍ଥ୍ୟ ସେବା ଟିମ୍ ଏଥିରେ ସହଯୋଗ କରିଥିଲେ।

## 'ପରିବେଶ ସଫା ରହିଲେ ଆମେ ସୁସ୍ଥ ରହିବା'



ଡାବୁଗାଁ, ୨୭।୯ (ପ୍ରଜ୍ଞାରଞ୍ଜନ ପରିଡ଼ା) ନବରଙ୍ଗପୁର ଜିଲା ଡାବୁଗାଁ ବ୍ଲକ ପରିସରରେ ସଫେଇ ମିତ୍ର ସୁରକ୍ଷା ଶିବିର ମାଧ୍ୟମରେ ସ୍ୱଚ୍ଛତା ହିଁ ସେବା କାର୍ଯ୍ୟକ୍ରମ କରାଯାଇଛି। ଡାବୁଗାଁ ବିଡିଓ ଶରତ ମାଝୀଙ୍କ ଅଧ୍ୟକ୍ଷତାରେ ଏବିଡିଓ ପଦ୍ମନାଭ ତ୍ରିପାଠୀ, ଡାବୁଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର କର୍ମଚାରୀ ଡା. ବଦ୍ରିପ୍ରସାଦ ନାୟକ, ଡା. ଅଶୋକ କୁମାର ବାରିକ, ଫାର୍ମାସିଷ୍ଟ ଦିଲୀପ ଗୁପ୍ତା, ମହିଳା ସ୍ୱାସ୍ଥ୍ୟକର୍ମୀ ରଞ୍ଜିତା ବିଷୋୟୀ, ଏନ୍‌ସିଡି ପରାମର୍ଶଦାତା ସୁଶୀଲ କର୍କରା, ପେସା ସଂଯୋଜକ ଶୁଭଶ୍ରୀ ମହାକୁଡ ପ୍ରମୁଖ ପରିବେଶ ସୁସ୍ଥ ରଖିବାକୁ ବୁଝାଇଥିଲେ। ନବରଙ୍ଗପୁର ପୌରପାଳିକା କର୍ମଚାରୀ ତ୍ରିନାଥ ମୁଦୁଲିଙ୍କ ନିର୍ଦ୍ଦେଶରେ ସଫେଇ କର୍ମଚାରୀ ଗୋପାଳ ନାୟକ ଓ ରାଜେଶ ହରିଜନ ଅଳିଆ ବାହାରେ ନ ପକାଇ ପକାଇ ଗୋଟିଏ ସ୍ଥାନରେ ରଖିବା, ସଫେଇ ଗାଡି ଆସିଲେ ଅଳିଆ ଦେବାକୁ କହିଥିଲେ। କାର୍ଯ୍ୟକ୍ରମକୁ ଡାବୁଗାଁ ଗୋଷ୍ଠୀ ସମ୍ବଳ ସଂଯୋଜକ ରଞ୍ଜନ ମହାକୁଡ଼ ପରିଚାଳନା କରିଥିଲେ। ଉପସ୍ଥିତ ସମସ୍ତ ଲୋକଙ୍କର ୯ ପ୍ରକାର ରକ୍ତ ପରୀକ୍ଷା ସହ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇ ଔଷଧ ଦିଆଯାଇଛି।

## ଦକ୍ଷତା ଲାଭ କଲେ ଭବିଷ୍ୟତ ଉଜ୍ଜ୍ୱଳ ହେବ

ନବରଙ୍ଗପୁର,୨୭।୯(ସଦାଶିବ ପ୍ରହରାଜ)

ନବରଙ୍ଗପୁରସ୍ଥିତ ଆଦର୍ଶ ସ୍ନାତକ ମହାବିଦ୍ୟାଳୟରେ କୌଶଳ ବିକାଶ ଯାତ୍ରା କାର୍ଯ୍ୟକ୍ରମ କରାଯାଇଛି। ଆଇସେଟ୍ ଦ୍ୱାରା ବାହାରିଥିବା କୌଶଳ ବିକାଶ ଯାତ୍ରା ରଥ ନବରଙ୍ଗପୁରରେ ପହଞ୍ଚିଥିଲା। ବିଭିନ୍ନ ବିଭାଗରେ ଦକ୍ଷତା ଲାଭ କଲେ ଭବିଷ୍ୟତ ଉଜ୍ଜ୍ୱଳ ହୋଇପାରିବ ବୋଲି ମହାବିଦ୍ୟାଳୟ ଅଧ୍ୟକ୍ଷ ବିନୋଦ ବିହାରୀ ବେହେରା କହିଥିଲେ। ମହାବିଦ୍ୟାଳୟର ଏନ୍‌ଏସ୍‌ଏସ୍ ପୋଗ୍ରାମ ଅଫିସର ରଞ୍ଜୁଲତା କଅଁର, ଆଇସେଟ୍ ଓଡ଼ିଶାର ରାଜ୍ୟ ପ୍ରୋଜେକ୍ଟ ମ୍ୟାନେଜର ଅରୁଣ ସାହୁ, ପ୍ଲେସମେଣ୍ଟ ଅଫିସର ବିଶ୍ୱରଞ୍ଜନ ବେହେରା, ଷ୍ଟେଟ ମବି ଲାଇଜର ଅଂଶୁମାନ ସାହୁ ଓ ଜିଲା ସଂଯୋଜକ ପୂର୍ଣ୍ଣଚନ୍ଦ୍ର ମହାପାତ୍ର ଓ ପ୍ରଦୀପ ପଟ୍ଟନାୟକ ଉପସ୍ଥିତ ଥିଲେ।

# ବାହାର ଜିଲା ପିଲାଙ୍କ ସାର୍ଟିଫିକେଟ ନକଲ ଚିରିବା ସହ ଧାରଣା

- କନିଷ୍ଠ ଶିକ୍ଷକ ନିଯୁକ୍ତି ପ୍ରକ୍ରିୟା ଚାଲିଥିବାବେଳେ ଉତ୍ତେଜନା
- ଜିଲାଭିତ୍ତିକ ନିଯୁକ୍ତି ଦାବି

ନବରଙ୍ଗପୁର,୨୭।୯(ସଦାଶିବ ପ୍ରହରାଜ)



ନବରଙ୍ଗପୁର ଜିଲାର ବିଭିନ୍ନ ସଙ୍ଗଠନ ସଦସ୍ୟମାନେ ଧାରଣା ଦେଉଛନ୍ତି।

ଶିକ୍ଷକ ନିଯୁକ୍ତି ପ୍ରକ୍ରିୟାକୁ ନେଇ ନବରଙ୍ଗପୁରରେ ଉତ୍ତେଜନା ଦେଖାଦେଇଛି। ଶୁକ୍ରବାର କନିଷ୍ଠ ଶିକ୍ଷକ ପଦବୀ ପାଇଁ ଏଗ୍ରିମେଣ୍ଟ ଚାଲିଥିବାବେଳେ ଜିଲାର ବିଭିନ୍ନ ସଙ୍ଗଠନ ସଦସ୍ୟମାନେ ଜିଲା ଭିତ୍ତିକ ନିଯୁକ୍ତି ଦାବିକରି ଅନ୍ୟ ଜିଲାର ପିଲାଙ୍କୁ ଘଉଡାଇବା ସହ ସେମାନଙ୍କ ସାର୍ଟିଫିକେଟ ନକଲ ଚିରିଦେଇଛନ୍ତି। ଏହାକୁ ନେଇ ଉତ୍ତେଜନା ପ୍ରକାଶ ପାଇଥିଲା। ଏଗ୍ରିମେଣ୍ଟ ପ୍ରକ୍ରିୟା କିଛି ସମୟ ପାଇଁ ଅଟକି ରହିଥିଲା। ପରେ ମୁଖ୍ୟ ଫାଟକ ବନ୍ଦ କରି ସାର୍ଟିଫିକେଟ ଯାଞ୍ଚ ଓ ଏଗ୍ରିମେଣ୍ଟ ପ୍ରକ୍ରିୟା ଆରମ୍ଭ ହୋଇଥିଲା। ରାଜ୍ୟ ଭିତ୍ତିକ ନିଯୁକ୍ତି ପ୍ରକ୍ରିୟା ବନ୍ଦ ଓ ଜିଲା ଭିତ୍ତିକ ନିଯୁକ୍ତି ଦାବିକରି ବିଭିନ୍ନ ସଙ୍ଗଠନ ସଦସ୍ୟ ମଧ୍ୟାହ୍ନରୁ ସନ୍ଧ୍ୟା ପର୍ଯ୍ୟନ୍ତ ମୁଖ୍ୟ ଫାଟକ ସମ୍ମୁଖରେ ବସିଥିଲେ।

ନବରଙ୍ଗପୁର ଜିଲା ପାଇଁ ୮୬୦ ପ୍ରାର୍ଥୀ ଚାକିରୀ ପାଇଛନ୍ତି। ପ୍ରଥମ ଦିନରେ ୪୭୮ ପିଲାଙ୍କୁ ଡକା ଯାଇଥିଲା। ୪୦୯ ପିଲା ଉପସ୍ଥିତ ଥିଲେ। ଶୁକ୍ରବାର ମିଶନ ଶକ୍ତି ହଲ୍‌ରେ ଏଗ୍ରିମେଣ୍ଟ ଚାଲିଥିବାବେଳେ ଜିଲାର ବିଭିନ୍ନ ସଙ୍ଗଠନ ସଦସ୍ୟମାନେ ସେଠାରେ ଧଶେଇ ପଶିଥିଲେ। କେବଳ ଅବିଭକ୍ତ କୋରାପୁଟ ଜିଲାର ପିଲାଙ୍କ ବ୍ୟତିତ ଅନ୍ୟ ପିଲା ବାହାରକୁ ଚାଲିଯିବାକୁ ଚେତାବନୀ ଦେଇଥିଲେ। ସେମାନେ ବାହାର ଜିଲାର ପିଲାଙ୍କ ସାର୍ଟିଫିକେଟ ନକଲ ଚିରିଦେଇଥିଲେ। ପ୍ରଶାସନ ପକ୍ଷରୁ ପୋଲିସକୁ ଡକାଯାଇଥିଲା। ପୋଲିସ ଆସିବା ପରେ ସୁରକ୍ଷା ବ୍ୟବସ୍ଥା ମଧ୍ୟରେ ପିଲାମାନେ ଏଗ୍ରିମେଟ କରିଥିଲେ। ଶନିବାର ୩୮୨ ପିଲାଙ୍କ ଏଗ୍ରିମେଣ୍ଟ କରିବା ପାଇଁ ଜିଲା ଶିକ୍ଷା ବିଭାଗ ନିଷ୍ପତ୍ତି ନେଇଛି।

ଆନ୍ଦୋଳନରେ ପିସିସି ଉପସଭାପତି ମୁନା ତ୍ରିପାଠୀ, ଅବ୍‌ଦୁଲ ଫିରୋଜ, ଓଡ଼ିଶା ଆଦିବାସୀ ଅଧିକାର ମଞ୍ଚ ଜିଲା ସଭାପତି ରାଜେଶ ଜାନୀ, ଦକ୍ଷିଣ ଓଡ଼ିଶା ଆଦିବାସୀ ମହାସଂଘ ସଭାପତି ଅର୍ଜୁନ ଭତରା, ଜନଜାତି ସୁରକ୍ଷା ମଞ୍ଚ ଉପସଭାପତି ରତନ ମାଝୀ, ନବରଙ୍ଗପୁର ବ୍ଲକ ସଭାପତି ଗୁରୁବନ୍ଧୁ ଗଦବାଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ।

## ଦୁର୍ନୀତିରୁ ନିବୃତ୍ତ ରହି କାମର ପୁନଃତଦାରଖ କରିବାକୁ ପରାମର୍ଶ

ତେନ୍ତୁଳିଖୁଣ୍ଟି, ୨୭।୯(ଚିଦାନନ୍ଦ ସାହୁ)

ନବରଙ୍ଗପୁର ଜିଲା ତେନ୍ତୁଳିଖୁଣ୍ଟି ପଞ୍ଚାୟତ ସମିତି କାର୍ଯ୍ୟାଳୟରେ ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ର ବ୍ଲକ୍‌ସ୍ତରୀୟ ଜନଶୁଣାଣି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଅତିରିକ୍ତ ପ୍ରକଳ୍ପ ଅଧିକାରୀ ଯଦୁମଣି ନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ବିଡିଓ ମନୋଜ ପାଣିଗ୍ରାହୀ, ଜିଲା ସାମାଜିକ ସମୀକ୍ଷକ ବୈବସ୍ୱତ ଚାଲାଣ, ବରିଷ୍ଠ ସାମାଜିକ କର୍ମୀ ତଥା ପୂର୍ବତନ ପଞ୍ଚାୟତ ସମିତି ଅଧ୍ୟକ୍ଷ ନାରାୟଣ ପାତ୍ର, ଭରସା ସଙ୍ଗଠନର ଏଲ୍. ସନ୍ତୋଷ ରାଓ ପ୍ରମୁଖ ମଞ୍ଚାସୀନ ଥିଲେ। ଏହି ଯୋଜନାରେ କାମ କରିଥିବା ଶ୍ରମିକ କିମ୍ବା ଗ୍ରାମ ସଂଯୋଜକଙ୍କୁ ଶିବିରରେ ଡକାଯାଇ ନ ଥିଲା। ଏହାକୁ ନେଇ ଅସନ୍ତୋଷ ପ୍ରକାଶ ପାଇଛି।

ଗୌଡ଼ଦେଓପାଲି ପଞ୍ଚାୟତ ଡୁମାଖୋଲାରେ ଏମ୍‌ଜିଏନ୍‌ଆର୍‌ଇଜିଏସ୍ କାର୍ଯ୍ୟ ଶେଷ ହୋଇ ଦୀର୍ଘ ମାସ ବିତିଥିଲେ ମଧ୍ୟ ଗ୍ରାମ ସଂଯୋଜକ ମାଟେରିଆଲ ବାବଦ ଅର୍ଥ ପାଇ ନାହାନ୍ତି। ଏ ନେଇ ବିଡିଓଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିଲେ ମଧ କିଛି ସୁଫଳ ମିଳି ନ ଥିବା ଗ୍ରାମ ସଂଯୋଜକ କହିଥିଲେ। ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ରେ ଦୁର୍ନୀତି ହେଉଛି। ଶିବିରରେ ପଞ୍ଚାୟତ ସମିତି ଅଧ୍ୟକ୍ଷା, ସରପଞ୍ଚ, ସମିତି ମେମ୍ବର କିମ୍ବା କୌଣସି ଲୋକ ପ୍ରତିନିଧି ଉପସ୍ଥିତ ନ ରହିବା ଦୁର୍ଭାଗ୍ୟଜନକ ବୋଲି ନାରାୟଣ ପାତ୍ର କହିଥଲେ। ଏମ୍‌ଜିଏନ୍‌ଆର୍‌ଇଜିଏସ୍ କାମରେ ମେଶିନ ବ୍ୟବହାର କରାଯାଉଛି। ଫଳରେ ଦାଦନ ଶ୍ରମିକଙ୍କ ସଂଖ୍ୟା ବଢୁଛି। ଦୁର୍ନୀତିରୁ ନିବୃତ ରହି ପୁନଃ ତଦାରଖ କରିବାକୁ ଅଧକ୍ଷ କର୍ମଚାରୀଙ୍କୁ କହିଥିଲେ। ଏହି ଜନଶୁଣାଣି କାର୍ଯ୍ୟକ୍ରମରେ ସମସ୍ତ ଗ୍ରାମ୍ୟ ସଦନ କର୍ମୀ, ଗ୍ରାମ ରୋଜଗାର ସେବକ, ପଞ୍ଚାୟତ ନିର୍ବାହୀ ଅଧିକାରୀ, ଫରେଷ୍ଟର ରିତେଶ ସୁନା, ମୃତ୍ତିକା ସଂରକ୍ଷଣ ବିଭାଗ କର୍ମଚାରୀ, ଉଦ୍ୟାନ ବିଭାଗ କର୍ମଚାରୀ ପ୍ରମୁଖ ଉପସ୍ଥିତ ରହିଥିଲେ। କାର୍ଯ୍ୟକ୍ରମକୁ ବ୍ଲକ ସାମାଜିକ ସମୀକ୍ଷକ ପି. ସୁନୀଲ କୁମାର ପରିଚାଳନା କରିଥିଲେ।

## ଲୁକ୍କାୟିତ ପ୍ରତିଭାଙ୍କୁ ଆଗକୁ ଆସିବାକୁ ଆହ୍ୱାନ



ଡାବୁଗାଁରେ ଆୟୋଜିତ କାର୍ଯ୍ୟକ୍ରମରେ ଛାତ୍ରୀମାନେ ନୃତ୍ୟ ପରିବେଷଣ କରୁଛନ୍ତି।

ଡାବୁଗାଁ/ତେନ୍ତୁଳିଖୁଣ୍ଟି, ୨୭।୯ (ପ୍ରଜ୍ଞାରଞ୍ଜନ ପରିଡ଼ା/ଚିଦାନନ୍ଦ ସାହୁ)

ଡାବୁଗାଁ ବ୍ଲକ ଚଚରାଗୁଡ଼ା ପଞ୍ଚାୟତ କୁସୁମବନ୍ଧ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଆଞ୍ଚଳିକ ସାଧନ କେନ୍ଦ୍ରସ୍ତରୀୟ ଶିଶୁ ମହୋତ୍ସବ ସୁରଭି କାର୍ଯ୍ୟକ୍ରମ କରାଯାଇଛି। ଓଡ଼ିଶାର ଲୋକ କଳାକୁ ନେଇ ଆୟୋଜିତ ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଛି। ଚଚରାଗୁଡା ପଞ୍ଚାୟତ ଅଧୀନ ବିଭିନ୍ନ ବିଦ୍ୟାଳୟର ଶିକ୍ଷକଙ୍କୁ ଗୁରୁ ସମ୍ମାନରେ ସମ୍ମାନୀତ କରାଯାଇଛି। ପ୍ରଧାନଶିକ୍ଷକ ଦୟାନିଧି ବଞ୍ଚୋରାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ଡାବୁଗାଁ ବ୍ଲକ ଅଧକ୍ଷା ବୀଣା ମାଝି ମୁଖ୍ୟ ଅତିଥି, ଜିଲା କଳା ସାଂସ୍କୃତିକ ମଞ୍ଚ ଉପସଭାପତି କାର୍ତ୍ତିକ ଭତ୍ରା, ଚଚରାଗୁଡ଼ା ନାଏବ ସରପଞ୍ଚ ଯୁଧିଷ୍ଠିର ତନ୍ତୀ, ବଡ଼ଓଲମା ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ ଧନଞ୍ଜୟ ବଡଜେନା ସମ୍ମାନୀତ ଅତିଥି, ଏବିଇଓ ସନ୍ତୋଷ ସାହୁ ମୁଖ୍ୟ ବକ୍ତା, ଚଚରାଗୁଡ଼ା ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ ଗୁପ୍ତେ ପ୍ରସାଦ ନାଗ ପ୍ରମୁଖ ମଞ୍ଚାସୀନ ଥିଲେ। ହରେକୃଷ୍ଣ ବାଡତ୍ୟା, ପାର୍ବତୀ ଦାଉ, ସୁଜାତା ପ୍ରଧାନ, ଘାସି ମାଝି , ଦଶରୁ ଭତ୍ରା, ସୂର୍ଯ୍ୟନାରାୟଣ ମାଝି, ସୁରେଶ ହରିଜନ, ଐରାବତ ଶବର, ସନ୍ତୋଷ ସାହୁ, ବଳରାମ ସେଠୀ, ନିମାଇଁ ପ୍ରଧାନ ଓ ବିଭିନ୍ନ ବିଦ୍ୟାଳୟର ଶିକ୍ଷୟତ୍ରୀ ଶିକ୍ଷକ ଉପସ୍ଥିତ ଥିଲେ। ଶିକ୍ଷକ ନରସିଂ ଭତ୍ରା ମଞ୍ଚ ପରିଚାଳନା କରିଥିଲେ।

ତେନ୍ତୁଳିଖୁଣ୍ଟି ବ୍ଲକ ଲମତାଗୁଡ଼ାରେ ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ ସର୍ବେଶ୍ୱର ପତିଙ୍କ ଆନୁକୁଲ୍ୟରେ ଲମତାଗୁଡ଼ା ସରକାରୀ ପ୍ରାଥମିକ ବିଦ୍ୟାଳୟରେ ଶିଶୁ ମହୋତ୍ସବ ସୁରଭି ଓ ଲୋକକଳା ଉତ୍ସବ ପାଳିତ ହୋଇଛି। ପ୍ରଧାନ ଶିକ୍ଷୟିତ୍ରୀ ବେଦମତି ବେହେରାଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ସରପଞ୍ଚ କୃଷ୍ଣ ସୌରା ଓ ଏବିଇଓ ମୋହନ ମଧୁସୂଦନ ବାଘ ଅତିଥିଭାବେ ଯୋଗଦେଇଥିଲେ। ଗୀତ, ନାଚ, ଭାଷଣ, ଚିତ୍ରାଙ୍କନ ଆଦି ପ୍ରତିଯୋଗିତାର କୃତି ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଛି। ବିଭିନ୍ନ ସ୍କୁଲର ପ୍ରଧାନ ଶିକ୍ଷୟିତ୍ରୀ ଶିକ୍ଷକ ଯୋଗଦେଇ ପିଲାମାନଙ୍କ ପ୍ରତିଭାର ପରିପ୍ରକାଶରେ ସହଯୋଗ କରିଥିଲେ।

## ଉମରକୋଟରେ କ୍ଲଷ୍ଟରସ୍ତରୀୟ ସୁରଭି

ଉମରକୋଟ,୨୭।୯(ସନ୍ତୋଷ ଶତପଥୀ) ନବରଙ୍ଗପୁର ଜିଲା ଉମରକୋଟ ବ୍ଲକ୍ ବେହେଡ଼ାସ୍ଥିତ ସରକାରୀ ଉନ୍ନୀତ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ କ୍ଲଷ୍ଟରସ୍ତରୀୟ ଶିଶୁ ମହୋତ୍ସବ 'ସୁରଭି-୨୦୨୪' ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ ବିଷ୍ଣୁପ୍ରସାଦ ସାହୁଙ୍କ ନେତୃତ୍ୱରେ ଆୟୋଜିତ ହୋଇଛି। ବେହେଡା କ୍ଲଷ୍ଟରର ୧୬ ସ୍କୁଲରୁ ଶତାଧିକ ଛାତ୍ରୀଛାତ୍ର ଓ ଶିକ୍ଷୟିତ୍ରୀ ସାମିଲ ହୋଇ ଥିଲେ। ଉମରକୋଟ ଏସ୍‌ଡିପିଓ ମଧୁସ୍ମିତା ମିଶ୍ର ମୁଖ୍ୟ ଅତିଥି, ଶିକ୍ଷାବିତ୍ ବଲ୍ଲଭ ରାଉତ ମୁଖ୍ୟବକ୍ତା, ଯୁବ ବୈଜ୍ଞାନିକ ରବିରଞ୍ଜନ ତ୍ରିପାଠୀ ସମ୍ମାନିତ ବକ୍ତା, ଦଣ୍ଡକାରଣ୍ୟ ଆଦର୍ଶ ବିଦ୍ୟାଳୟର ପ୍ରତିଷ୍ଠାତା କାର୍ତ୍ତିକ ମଲ୍ଲିକ, ରାଇଜିଂ ବାର୍ଡ ଇଂଲିଶ ମିଡିୟମ ସ୍କୁଲ ପ୍ରତିଷ୍ଠାତା କାମାକ୍ଷା ପ୍ରସାଦ ଶତପଥୀ, ଏବିଇଓ ଦେବେନ୍ଦ୍ର ବାଘ, ବେହାଡ଼ା ସ୍କୁଲ ପ୍ରଧାନ ଶିକ୍ଷକ ସଞ୍ଜୟ କୁମାର ସାମଲ, ଶିକ୍ଷକ ଟୁଟୁବାବୁ ପଟ୍ଟନାୟକ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ପାଠ ପଢ଼ିବା ସହ ଗ୍ରାମାଞ୍ଚଳର ଲୁକାୟିତ ପ୍ରତିଭାଙ୍କୁ ଆଗକୁ ଆସିବାକୁ ଅତିଥିମାନେ ଆହ୍ୱାନ ଦେଇଥିଲେ। ଏଠାରେ ୨୯ଟି ପ୍ରତିଯୋଗିତା କରାଯାଇଥିଲା। ସମସ୍ତ କୃତୀ ଛାତ୍ରୀଛାତ୍ରଙ୍କ ପୁରସ୍କୃତ କରାଯାଇଛି। ୧୪ ଜଣ ଶିକ୍ଷକଙ୍କୁ ଶିକ୍ଷାରତ୍ନ ସମ୍ମାନରେ ସମ୍ମାନିତ କରାଯାଇଥିଲା।

## ମୁକୁଳା ବିଦ୍ୟୁତ୍ ଟ୍ରାନ୍ସଫର୍ମର ସ୍ଥାନାନ୍ତର ଦାବି

ଉମରକୋଟ, ୨୭।୯ (ସନ୍ତୋଷ ଶତପଥୀ)

ଉମରକୋଟ ସହରର ୯ ନମ୍ବର ୱାର୍ଡସ୍ଥିତ ସନ୍ତୋଷୀ ମନ୍ଦିର ନିକଟରେ ମୁକୁଳା ହୋଇ ବିଦ୍ୟୁତ୍ ଟ୍ରାନ୍ସଫର୍ମର ରହିଛି। ଏହାକୁ ସ୍ଥାନାନ୍ତର କରିବାକୁ ସାହିବାସିନ୍ଦା ଦାବି କରିଛନ୍ତି। ମନ୍ଦିର ନିକଟରେ ଦୁର୍ଗା ପୂଜା ମଣ୍ଡପ ରହିଛି। ଏଠାରେ ଟ୍ରାନ୍ସଫରମର ମୁକୁଳା ହୋଇ ରହିଛି। ବିଭିନ୍ନ ସମୟରେ ସ୍ପାର୍କ ହେଉଛି। ଆଗ କୁ ଦୁର୍ଗା ପୂଜା। ଏହାର ସାଜସଜ୍ଜା କପଡ଼ା ଓ ସୋଲରେ ହୁଏ। ତେଣୁ ନିଆଁ ଲାଗିଲେ ଧନ ଜୀବନ ଚାଲିଯିବା ଭୟ ରହିଛି। ୨ ବର୍ଷ ହେଲାଣି ଏହାକୁ ସ୍ଥାନାନ୍ତର ପାଇଁ ଅଭିଯୋଗ କଲେ ମଧ ବିଦ୍ୟୁତ୍ ବିଭାଗ ଶୁଣୁ ନ ଥିବା ସନ୍ତୋଷୀ ନଗର ସାହି ବାସିନ୍ଦା କହିଛନ୍ତି। ଦଶହରା ପୂର୍ବରୁ ଟ୍ରାନ୍ସଫର୍ମରକୁ ସ୍ଥାନାନ୍ତର କରିବାକୁ ଉମରକୋଟ ପୌର ନିର୍ବାହୀ ଅଧିକାରୀ ବିଦ୍ୟୁତ୍ ବିଭାଗ ଏସ୍‌ଡିଓଙ୍କୁ ୨୪ ତାରିଖରେ ପତ୍ର ଲେଖି ଜଣାଇଛନ୍ତି। ଟ୍ରାନ୍ସଫର୍ମର ସ୍ଥାପନ ପାଇଁ ନୂତନ ସାହି ବାସିନ୍ଦା ଜାଗା ଚିହ୍ନଟ କରି ବିଦ୍ୟୁତ ବିଭାଗକୁ ଜଣାଇଥିବା ସାମାଜିକ



କର୍ମୀ ଲଳିତ ସେଠି ସୂଚନା ଦେଇଛନ୍ତି। ଟ୍ରାନ୍ସଫର୍ମର ସ୍ଥାପନରେ ବିଳମ୍ବ ହେଲେ ସମସ୍ତ ସାହିବାସୀ ଆନ୍ଦୋଳନ କରିବେ ବୋଲି ଚେତାବନୀ ଦେଇଛନ୍ତି। ବିଦ୍ୟୁତ ବିଭାଗ ଉପଖଣ୍ଡ ଅଧିକାରୀ ସ୍ୱରୂପ କୁମାର ପାତ୍ରଙ୍କୁ ଯୋଗାଯୋଗ କରିବାରୁ ଟ୍ରାନ୍ସଫର୍ମର ସ୍ଥାନାନ୍ତର ପାଇଁ ପ୍ରସ୍ତୁତି ଚାଲିଛି। ଏଥିପାଇଁ ୧ ମାସ ସମୟ ଲାଗିବ ବୋଲି ସେ କହିଛନ୍ତି।

## ୧୦ ଦଫା ଦାବିରେ ନର୍ସିଂ କର୍ମଚାରୀଙ୍କ ଧର୍ମଘଟ

ରାଇଘର, ୨୭।୯ (କିରଣ ପଟ୍ଟନାୟକ ) ଓଡ଼ିଶା ନର୍ସିଂ କର୍ମଚାରୀ ମହାସଂଘ ନିର୍ଦ୍ଦେଶ କ୍ରମେ ରାଇଘର ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ବ୍ଲକ୍‌ର ସମସ୍ତ ନର୍ସିଂ କର୍ମଚାରୀ ୧୦ ଦଫା ଦାବି ନେଇ ଧାରଣାରେ ବସିଛନ୍ତି। ନର୍ସିଂ କର୍ମଚାରୀ ସଂଘ ପକ୍ଷରୁ ଗତ ଅଗଷ୍ଟରୁ ଧର୍ମଘଟ ଚାଲିଛି। ରାଇଘର ବ୍ଲକ ହାଟଭରାଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧୀନରେ କାର୍ଯ୍ୟରତ ସମସ୍ତ ନର୍ସିଂ କର୍ମଚାରୀ ଏକାଠି ହୋଇଥିଲେ। ଜୟନ୍ତ କୁମାର ଦାସଙ୍କ ନେତୃତ୍ୱରେ ଶୁକ୍ରବାର ସ୍ଥାନୀୟ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ସମସ୍ତ ନର୍ସିଂ କର୍ମଚାରୀ ଧାରଣା ଦେଇଥିଲେ। ଏହି ଧାରଣାରେ ଇନ୍ଦ୍ରା ତ୍ରିପାଠୀ, ରଶ୍ମିରେଖା ପଣ୍ଡା, ସ୍ୱପ୍ନାସ୍ମିତା ଜେନା, ବିଷ୍ଣୁପ୍ରିୟା ପ୍ରଧାନ, ଉମେଶ ନାୟକ, ମେଘନାଥ ବାଗ୍‌ଚୀ, ଅର୍ଚ୍ଚନା ବିଶ୍ୱାସ, ତୃଷ୍ଣା ମଞ୍ଜୁରୀ ସାହୁ, କୋଥେ ସାନ୍ତା, ସୁଧାମୟୀ ପ୍ରଧାନ ପ୍ରମୁଖ ଯୋଗ ଦେଇଥିଲେ। ନର୍ସିଂ କର୍ମଚାରୀଙ୍କୁ ନିୟମିତ କରିବା, କବିକେ ଆଲାଉନ୍ସ, ସିଏଚ୍‌ଓ ପୋଷ୍ଟରୁ ଫେରାଇ ଆଣିବା ଭଳି ୧୦ ଦାବି ରହିଛି।

## ଦେବଦାସଙ୍କୁ 'ନାଟ୍ୟଶ୍ରୀ', ଜଗବନ୍ଧୁଙ୍କୁ 'ମଞ୍ଚଶ୍ରୀ' ସମ୍ମାନ



ନବରଙ୍ଗପୁର,୨୭।୯(ସଦାଶିବ ପ୍ରହରାଜ)

ତ୍ରିଧାରା ନାଟ୍ୟ ସଂଘ ନବରଙ୍ଗପୁର ଆନୁକୂଲ୍ୟରେ ଓଡ଼ିଶା ନାଟ୍ୟ ସଂଘ ଦିବସ ପାଳନ ହୋଇଯାଇଛି। ନବରଙ୍ଗପୁର ସୂଚନା ଓ ଲୋକ ସମ୍ପର୍କ କାର୍ଯ୍ୟାଳୟ ବୈଠକ ଗୃହରେ ସଂଘର ଜିଲା ସଂଯୋଜକ ବିଶିଷ୍ଟ ନାଟ୍ୟକାର ଜଗନ୍ନାଥ ବେହେରାଙ୍କ ସଭାପତିତ୍ୱରେ କାର୍ଯ୍ୟକ୍ରମ କରାଯାଇଛି। ଜିଲା ସଂସ୍କୃତି ଅଫିସର ଘାସିଆ ହରିଜନ ମୁଖ୍ୟ ଅତିଥି, ଅଧ୍ୟାପକ ଦିଲୀପ ହୋତା ମୁଖ୍ୟବକ୍ତା, ଓଡ଼ିଶା ନାଟକ ଏକାଡେମୀର ଜିଲା ପ୍ରତିନିଧି ଦେବଦାସ ମହାକୁଡ ଏବଂ ସଙ୍ଗୀତ ବିଶାରଦ ଅସିତ୍ ଦେଓ ସମ୍ମାନିତ ଅତିଥିଭାବେ ଉପସ୍ଥିତ ଥିଲେ। ଶିବ ତ୍ରିପାଠୀ ଅତିଥି ପରିଚୟ ଦେଇଥିଲେ। ଯୁବ ସଂଯୋଜିକା ଆଭାଶ୍ରୀ ଦାସ ସଭା ସଂଯୋଜନା କରିଥିଲେ। ମଞ୍ଚରେ ଶୃଙ୍ଖଳା ଉପରେ ଅଭିନେତା ହିମାଂଶୁ ପଟ୍ଟନାୟକ, ନିର୍ଦ୍ଦେଶନା କ୍ଷେତ୍ରରେ ବିଭିନ୍ନ ଦିଗ ଉପରେ ମଞ୍ଚ ଓ ଫିଲ୍ମ ନିର୍ଦ୍ଦେଶକ ସୁରେଶ ମହାନ୍ତି, ମଞ୍ଚ ନାଟକ ଲେଖିବାର ବିଭିନ୍ନ ଦିଗ ଉପରେ ବିଶିଷ୍ଟ ଗୀତିକାର ସର୍ବେଶ୍ୱର ତ୍ରିପାଠୀ ବୁଝାଇଥିଲେ। ନାଟ୍ୟକାର ଦେବଦାସ ମହାକୁଡ଼ଙ୍କୁ 'ନାଟ୍ୟଶ୍ରୀ ସମ୍ମାନ' ବିଶିଷ୍ଟ ଦେଶିଆ ନାଟ ଗୁରୁ ଜଗବନ୍ଧୁ ଗାଣ୍ଡାଙ୍କୁ 'ମଞ୍ଚଶ୍ରୀ ସମ୍ମାନ'ରେ ସମ୍ମାନିତ କରାଯାଇଛି। ଟେଲି ନିର୍ଦ୍ଦେଶକ ମନୋଜ ପଟ୍ଟନାୟକ, ଓକିଲ ଶ୍ରୀନିବାସ ପାତ୍ର, ହାସ୍ୟକବି ଦୁର୍ଗା ପ୍ରଧାନ, ଦୁର୍ଗା ପାଢ଼ୀ, ବିଭୁଦତ୍ତ ସେଠୀ, ମଞ୍ଚ ଅଭିନେତ୍ରୀ ପ୍ରକାଶିନୀ ଚୌଧୁରୀ, ଚନ୍ଦ୍ରଭାନୁ ଶତ୍ରୁଶଲ୍ୟ, ନିହାର ବିଷୋୟୀ, ଏ. ସନ୍ତୋଷ, କୋଚ ହରିଶ ବେହେରା, ଅଭିନେତା ରିତେଶ ପୂଜାରୀ, କୈଳାସ ପାଣିଗ୍ରାହୀ, କପିଳାସ ମାଝି ପ୍ରମୁଖ ଉପସ୍ଥିତ ଥିଲେ। ମନୋଜ ମହାରଣା ଧନ୍ୟବାଦ ଦେଇଥିଲେ। ଦେବୀପ୍ରସାଦ ତ୍ରିପାଠୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ଜିଲାସ୍ତରୀୟ ବିଶ୍ୱ ପର୍ଯ୍ୟଟନ ଦିବସ

ନବରଙ୍ଗପୁର,୨୭।୯(ସଦାଶିବ ପ୍ରହରାଜ) ନବରଙ୍ଗପୁର ଜିଲା ପର୍ଯ୍ୟଟନ ବିଭାଗ ପକ୍ଷରୁ ବିଶ୍ୱ ପର୍ଯ୍ୟଟନ ଦିବସ ପାଳନ କରାଯାଇଛି। ଜିଲାର ୧୦ ବ୍ଲକ୍‌ରେ ବିଦ୍ୟାଳୟ ଓ ମହାବିଦ୍ୟାଳୟସ୍ତରରେ ପ୍ରତିଯୋଗିତା କରାଯାଇଥିଲା। ଏହି କୁଇଜ୍ ପ୍ରତିଯୋଗିତାର ବିଦ୍ୟାଳୟ ବର୍ଗରେ ସାଇ ପଣ୍ଡା ପ୍ରଥମ, ସୁଜନ ସୁନ୍ଦର ଯାଦବ ଦ୍ୱିତୀୟ, ବନସିଂ ପୂଜାରୀ ତୃତୀୟ ଓ ମହାବିଦ୍ୟାଳୟ ବର୍ଗରେ ପ୍ରିୟଙ୍କା ନାୟକ ପ୍ରଥମ, ନୀଳକଣ୍ଠ ଜାନୀ ଦ୍ୱିତୀୟ ଓ ସୁରଭି ମାଝୀ ତୃତୀୟ ହୋଇଛନ୍ତି। ଡିଆଇପିଆର୍‌ଓ ମନୋଜ କୁମାର ବେହେରା ମୁଖ୍ୟ ଅତିଥି, ଜିଲା ସଂସ୍କୃତି ତଥା ପର୍ଯ୍ୟଟନ ଅଧିକାରୀ ଘାସିଆ ହରିଜନ, ନବରଙ୍ଗପୁର ମହାବିଦ୍ୟାଳୟ ଭାରପ୍ରାପ୍ତ ଅଧ୍ୟକ୍ଷା ସଙ୍ଗୀତା ତ୍ରିପାଠୀ, ଅଧ୍ୟାପକ ଦିଲୀପ ହୋତା, ଶମ୍ଭୁ ପ୍ରସାଦ ହୋତା ପ୍ରମୁଖ ସମ୍ମାନିତ ଅତିଥିଭାବେ ଯୋଗଦେଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ। ନବରଙ୍ଗପୁର ମହାବିଦ୍ୟାଳୟ ଇତିହାସ ବିଭାଗ ଅଧ୍ୟାପକମାନେ ସହଯୋଗ କରିଥିଲେ। ଜିଲା ଶିକ୍ଷା ବିଭାଗ ପକ୍ଷରୁ ପୌର ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ମୀନା ବାଗ ଓ ଅନ୍ୟ ଶିକ୍ଷୟିତ୍ରୀ ଶିକ୍ଷକ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।



ଜଣେ କୃତୀ ପ୍ରତିଯୋଗୀଙ୍କୁ ଅତିଥିମାନେ ପୁରସ୍କୃତ କରୁଛନ୍ତି।

# ଆରମ୍ଭ ହେଲା ଯକ୍ଷ୍ମା ପ୍ରତିରୋଧକ ଟିକାକରଣ



ତେନ୍ତୁଳିଖୁଣ୍ଟିରେ ଆୟୋଜିତ କାର୍ଯ୍ୟକ୍ରମରେ ବିଧାୟକ, ସିଡିଏମ୍‌ଓଙ୍କ ସମେତ ଅନ୍ୟ ଅତିଥିମାନେ।



ଉମରକୋଟରେ ଜଣେ ବ୍ୟକ୍ତିଙ୍କୁ ଟିକା ଦିଆଯାଉଛି।

ତେନ୍ତୁଳିଖୁଣ୍ଟି/ ଉମରକୋଟ, ୨୭।୯ (ଚିଦାନନ୍ଦ ସାହୁ/ ସନ୍ତୋଷ ଶତପଥୀ)

ନବରଙ୍ଗପୁର ଜିଲା ତେନ୍ତୁଳିଖୁଣ୍ଟି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ସ୍ୱାସ୍ଥ୍ୟ ସମିତି ନବରଙ୍ଗପୁର ଆନୁକୂଲ୍ୟରେ ଜିଲାସ୍ତରୀୟ ଯକ୍ଷ୍ମା ପ୍ରତିରୋଧକ ଟିକାକରଣ କାର୍ଯ୍ୟକ୍ରମ ଶୁଭାରମ୍ଭ କରାଯାଇଛି। ନବରଙ୍ଗପୁର ବିଧାୟକ ଗୌରୀଶଙ୍କର ମାଝୀ ମୁଖ୍ୟ ଅତିଥି, ଜିଲା ପରିଷଦ ସଭ୍ୟା କ୍ରିଷ୍ଣାମଞ୍ଜରୀ ବିଶୋଇ, ସିଡିଏମ୍‌ଓ ମଳୟ ରଞ୍ଜନ ତ୍ରିପାଠୀ, ଡ.କିଷାନ ଦାସ, ଡ. ସନ୍ଧ୍ୟା ସାହୁ, ଅତିରିକ୍ତ ତହସିଲଦାର ସୀମାଞ୍ଚଳ ପାତ୍ର, ଆଇଆଇସି ଗୋପାଳକୃଷ୍ଣ ଆଗୁପତ୍ର,ସମିତି ସଭ୍ୟା ବିନୋଦିନୀ ସିଂ, ତେନ୍ତୁଳିଖୁଣ୍ଟି ସରପଞ୍ଚ ଟଭା ନାୟକ, ପୂଜାରିଗୁଡ଼ା ସରପଞ୍ଚ ଅନାଦି ମାଝୀ, ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀ ବିନିତା ଜେଠୀ ପ୍ରମୁଖ ସମ୍ମାନିତ ଅତିଥି ଭାବେ ମଞ୍ଚାସୀନ ରହିଥିଲେ। ତେନ୍ତୁଳିଖୁଣ୍ଟିର ଗୋପାଳ କୃଷ୍ଣ ନାୟକ, ବରିଷ୍ଠ ନାଗରିକ ନାରାୟଣ ପାତ୍ର, ଜିଲା ସ୍ୱାସ୍ଥ୍ୟାଧିକାରୀ ଏହିଭଳି ପ୍ରାୟ ୨୦ ଜଣଙ୍କୁ ଟିକା ଦିଆଯାଇଛି। କାର୍ଯ୍ୟକ୍ରମରେ ବ୍ଲକର ସମସ୍ତ ଅଙ୍ଗନୱାଡି କର୍ମୀ, ଆଶା କର୍ମୀ, ସ୍ୱାସ୍ଥ୍ୟ ବିଭାଗ କର୍ମଚାରୀ, ଅଗ୍ନିଶମ ବିଭାଗ, ପୋଲିସ କର୍ମଚାରୀଙ୍କ ସମେତ ବୁଦ୍ଧିଜୀବୀ ଉପସ୍ଥିତ ଥିଲେ।

ଉମରକୋଟ ଆୟୁଷ୍ମାନ ଆରୋଗ୍ୟ କେନ୍ଦ୍ର ବଡ଼କୁମାରୀଠାରେ ପୂଜାରୀଗୁଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପକ୍ଷରୁ ଶୁକ୍ରବାର ଯକ୍ଷ୍ମା ପ୍ରତିଷେଧକ ଟିକାକରଣ କାର୍ଯ୍ୟକ୍ରମ ଆରମ୍ଭ ହୋଇଛି। ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡଙ୍କ ପ୍ରତିନିଧି ଅଶୋକ କୁମାର ପାଢ଼ୀ ମୁଖ୍ୟ ଅତିଥି, ବଡକୁମାରୀ ସରପଞ୍ଚ ତିଲୋତ୍ତମା ମାଝି, ସମିତି ସଭ୍ୟ ତନୁଜା ଡାକୁଆ ସମ୍ମାନିତ ଅତିଥିଭାବେ ଯୋଗଦେଇ କାର୍ଯ୍ୟକ୍ରମ ଶୁଭାରମ୍ଭ କରିଥିଲେ। ପୂଜାରୀଗୁଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ମେଡିକାଲ ଅଫିସର ଡ. ପତିତପାବନ ଦ୍ୱିବେଦୀ, ମହିଳା ସ୍ୱାସ୍ଥ୍ୟ ପରିଦର୍ଶକ ମଞ୍ଜୁ ବିଶ୍ୱାସ, ମହିଳା ସ୍ୱାସ୍ଥ୍ୟକର୍ମୀ ଜେମାମଣି ହରିଜନ, ଆଶା ଓ ଅଙ୍ଗନୱାଡି କର୍ମୀ ଉପସ୍ଥିତ ଥିଲେ। ପୂଜାରିଗୁଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପକ୍ଷରୁ ୨୭ ହଜାର ବ୍ୟକ୍ତିଙ୍କୁ ଯକ୍ଷ୍ମା ଟିକା ପ୍ରଦାନ ପାଇଁ ଲକ୍ଷ୍ୟଧାର୍ଯ୍ୟ କରାଯାଇଛି। ବର୍ତ୍ତମାନ ସୁଦ୍ଧା ୧୪,୬୦୦ ପଞ୍ଜୀକରଣ କରିସାରିଛନ୍ତି ବୋଲି ବିପିଏମ୍ ଜଗନ୍ନାଥ ମିଶ୍ର ସୂଚନା ଦେଇଛନ୍ତି। ପୂଜାରୀଗୁଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ବ୍ଲକ୍ ପ୍ରୋଜେକ୍ଟ ମ୍ୟାନେଜର ଜଗନ୍ନାଥ ମିଶ୍ର ଓ ଏସ୍‌ଟିଏସ୍ ଗୌରୀ ଶଙ୍କର ପରିଡ଼ା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

